ବର୍ଷ-୨୬, ସଂଖ୍ୟା-୨୭୩
ଭୁବନେଶ୍ୱର
ଅକ୍ଟୋବର, ୧୦, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 273
Bhubaneswar
October, 10, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଭୋଟ୍ ଚୋରି ଅଭିଯୋଗକୁ ନେଇ ବିରୋଧୀଙ୍କ ଉପରେ ବର୍ଷିଲେ ମନମୋହନ ସାମଲ

ଭୁବନେଶ୍ୱର, ୯।୧୦(ମହାଭାରତ): ଆଜି ବିରୋଧୀ ଦଳର ନେତାମାନେ ରାଷ୍ଟ୍ରପତିଙ୍କୁ ଭେଟିବା ପ୍ରସଙ୍ଗରେ ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି । ଭୋଟ୍ ଚୋରି ଅଭିଯୋଗକୁ ନେଇ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ। ଏହି ଅଭିଯୋଗ ତଥ୍ୟହୀନ ଏବଂ ଏହାକୁ ନେଇ ରାଜନୀତି କରାଯାଉଛି । ପଶ୍ଚିମବଙ୍ଗରେ ନିର୍ବାଚନ ହାରିବା ହେଉ କିମ୍ବା ତାମିଲନାଡୁ, ହିମାଚଳ ପ୍ରଦେଶ ଓ କର୍ଣ୍ଣାଟକରେ ବିଜୟ ହେଉ, ପ୍ରତ୍ୟେକ ନିର୍ବାଚନର ଫଳାଫଳକୁ ନେଇ ଭୋଟ୍ ଚୋରି ଅଭିଯୋଗ କରିବା ଠିକ୍ ନୁହେଁ। ଲୋକେ ଭୋଟ୍ ନଦେବାରୁ ବିରୋଧୀ ଦଳଗୁଡ଼ିକ ପରାଜିତ ହେଉଛନ୍ତି। ଦୀର୍ଘ ୫୬ ବର୍ଷ ଧରି କ୍ଷମତାରେ ରହି କ୍ଷମତାର ଅପବ୍ୟବହାର କରିଥିବାରୁ ଲୋକେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି ।ଗର୍ବ ଓ ଅହଂକାର କଂଗ୍ରେସ, ସିପିଏମ୍, ତୃଣମୂଳ କଂଗ୍ରେସ ଏବଂ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସ୍ଥିତିକୁ କ୍ଷତି ପହଞ୍ଚାଇଛି। କ୍ଷମତାର ଅପବ୍ୟବହାର ଓ ଅହଂକାରକୁ ଲୋକେ କେବେ ବି ବରଦାସ୍ତ କରିବେ ନାହିଁ ବୋଲି ସେ କହିଛନ୍ତି।

# ପ୍ରଣୟନ ହେବ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧୦(ମହାଭାରତ): ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ସୂଚନା ଓ ସଂଚାର ପାଇଁ ଏକ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି ପ୍ରଣୟନ କରାଯିବ। ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥା ଗଠନ କରାଯିବ ଏବଂ ଡିଜିଟାଲ୍ ମାଧ୍ୟମରେ ମିଥ୍ୟା ତଥ୍ୟ ତଥା ଗୁଜବର ମୁକାବିଲା ପାଇଁ ଏକ କଡ଼ାକଡ଼ି ତଥ୍ୟ ଯାଂଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନ କନଭେନସନ୍ ସେଂଟର ଠାରେ ସୂଚନା ସେବା ଅଧିକାରୀଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସାମାଜିକ ଗଣମାଧ୍ୟମର ଉଦୀୟମାନ ଧାରା' ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଆଜିର ଯୁବ ବର୍ଗ ପାରମ୍ପରିକ ଗଣମାଧ୍ୟମଠାରୁ ବହୁ ଆଗରେ ରହି ସାମାଜିକ ଗଣମାଧ୍ୟମ ଏବଂ କୃତ୍ରିମ ବୁଦ୍ଧିମତା ପ୍ଲାଟଫର୍ମର ବ୍ୟାପକ ବ୍ୟବହାର କରୁଛନ୍ତି। ତେଣୁ ସରକାରୀ ସଂଚାର ବା ଯୋଗାଯୋଗ ପାଇଁ ଆମକୁ ମଧ୍ୟ ସାମ୍ପ୍ରତିକ ସମୟର ଏହି ଅତ୍ୟାଧୁନିକ ଟ୍ରେଣ୍ଡ୍ ?ଗୁଡ଼ିକୁ ଆପଣାଇବାକୁ ପଡ଼ିବ ବୋଲି ସୂଚନାସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସାମାଜିକ ଗଣମାଧ୍ୟମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଛନ୍ତି ଯେ ବର୍ତ୍ତମାନର ସମୟ କେବଳ ପାରମ୍ପରିକ ପ୍ରିଂଟ ବା ଇଲେକ୍ଟ୍ରୋନିକ୍ସ ମିଡିଆର ସମୟ ନୁହେଁ, ବରଂ ସୋସିଆଲ ମିଡିଆ ଏବଂ କ୍ରିଏଟର ଇକୋନୋମିର ଯୁଗ। ପ୍ରତ୍ୟେକ ନାଗରିକଙ୍କ ହାତରେ ଥିବା ମୋବାଇଲ୍ ଫୋନ୍ ଆଜି ଏକାଧାରରେ ଖବରକାଗଜ, ଟେଲିଭିଜନ, ରେଡିଓ ଏବଂ ଏକାଧିକ ଯୋଗାଯୋଗର ମାଧ୍ୟମ ପାଲଟିଛି। ତେଣୁ ସରକାରୀ ଅଧିକାରୀମାନଙ୍କୁ କେବଳ ପ୍ରେସ୍ ରିଲିଜ୍ ଜାରି କରିବାରେ ସୀମିତ ନ ରହି ଜଣେ ଦକ୍ଷ କମ୍ୟୁନିକେସନ ପ୍ରଫେସ୍‌ନାଲ୍ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ। ସୋସିଆଲ ମିଡିଆ ମନିଟରିଂ ଏବଂ ସୋସିଆଲ ଲିଆସନିଙ୍ଗ୍ ଜରିଆରେ ଜନସାଧାରଣଙ୍କ ମତାମତ ଓ ସମସ୍ୟାଗୁଡ଼ିକୁ ତ୍ୱରିତ ଭାବେ ଗ୍ରହଣ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

ଖବର ପରିବେଷଣ ଏବଂ ସରକାରୀ ଯୋଗାଯୋଗର ମୂଳସ୍ତମ୍ଭ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଯୋଗାଯୋଗ



ଶୈଳୀ ସବୁବେଳେ ତିନୋଟି ପ୍ରମୁଖ ନୀତି ଉପରେ ପର୍ଯ୍ୟବେସିତ ହେବା ଉଚିତ୍-ସେଗୁଡ଼ିକ ହେଲା ତଥ୍ୟଗତ ସଠିକତା, ସମୟୋପଯୋଗୀ ଦ୍ରୁତତା ଏବଂ ସରଳତା। ସରକାରୀ ତଥ୍ୟ କିମ୍ବା ପରିସଂଖ୍ୟାନରେ କୌଣସି ଭୁଲ୍ ଗ୍ରହଣୀୟ ନୁହେଁ। ଡିଜିଟାଲ ଯୁଗରେ ସୂଚନା ପ୍ରଦାନରେ ବିଳମ୍ବ ହେଲେ ଏକ ସୂଚନା ଶୂନ୍ୟତା ସୃଷ୍ଟି ହୁଏ, ଯାହାର ସୁଯୋଗ ନେଇ ଅନେକ ସମୟରେ କିଛି ଲୋକ ଭୁଲ୍ ଓ ବିଭ୍ରାନ୍ତିକର ସୂଚନା ପ୍ରଦାନ କରିଥାନ୍ତି। ତେଣୁ ସଠିକ୍ ସୂଚନାକୁ ଦ୍ରୁତ ଗତିରେ ଏବଂ ସାଧାରଣ ଲୋକ ବୁଝିପାରିବା ଭଳି ସରଳ ଭାଷାରେ ଲୋକଙ୍କ ନିକଟରେ ପହଂଚାଇବାକୁ ହେବ।

ଏହି ସନ୍ଦର୍ଭରେ ମୁଖ୍ୟମନ୍ତ୍ରୀ କାହାଣୀ କହିବା ଶୈଳୀ ବା ଷ୍ଟୋରିଟେଲିଂ ଉପରେ ବିଶେଷ ଜୋର୍ ଦେଇଛନ୍ତି। କେବଳ ଶୁଷ୍କ ପରିସଂଖ୍ୟାନ ବା ତଥ୍ୟ ଦେବା ପରିବର୍ତ୍ତେ ସରକାରୀ ଯୋଜନାଗୁଡ଼ିକ କିପରି ଜଣେ ସାଧାରଣ ନାଗରିକଙ୍କ ଜୀବନରେ ପରିବର୍ତ୍ତନ ଆଣୁଛି, ତାହାର ମାନବୀୟ କାହାଣୀ ଲୋକଙ୍କ ସାମ୍ନାକୁ ଆଣିପାରିଲେ ଏହା ପ୍ରଭାବଶାଳୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ହିତାଧିକାରୀଙ୍କ କାହାଣୀକୁ ଲୋକଙ୍କ ସାମ୍ନାକୁ ଆଣନ୍ତୁ। କାରଣ ହିତାଧିକାରୀମାନଙ୍କ ମନ୍ତବ୍ୟ ହିଁ ସରକାରୀ ସେବା ପ୍ରଦାନର ପ୍ରକୃତ ପ୍ରମାଣ ।

ଆଜିର ଏହି କୃତ୍ରିମ ବୁଦ୍ଧିମତା ଯୁଗରେ ଡିପ୍-ଫେକ୍, କ୍ଲୋନ୍ ହୋଇଥିବା ସ୍ୱର ଏବଂ କୃତ୍ରିମ ଭିଡିଓଗୁଡ଼ିକ ସମାଜରେ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ ସତ୍ୟ ସାମ୍ନାକୁ ଆସିବା ପୂର୍ବରୁ ଭୁଲ୍ ଖବର ଶୀଘ୍ର ବ୍ୟାପିଥାଏ। ତେଣୁ ଯେକୌଣସି ତଥ୍ୟ ସେୟାର କରିବା ପୂର୍ବରୁ ଏହାର ସତ୍ୟତା ଯାଂଚ କରିବା ଅତ୍ୟନ୍ତ ଜରୁରୀ। ସରକାରୀ ଅଧିକାରୀମାନେ ଆଜୀବନ ଶିକ୍ଷାର୍ଥୀ ହୋଇ ଡିଜିଟାଲ୍ ମିଡିଆ, ଫ୍ୟାକ୍ଟ-ଚେକିଂ, ଏବଂ ଭିଡିଓ କଣ୍ଟେଣ୍ଟ୍ କ୍ରିଏସନ୍ ରେ ଦକ୍ଷତା ହାସଲ କରିବା ଆବଶ୍ୟକ। ସୂଚନା ଅଧିକାରୀମାନେ କେବଳ ପ୍ରେସ ରିଲିଜରେ ସୀମିତ ନ ରହି ଆଧୁନିକ ସଞ୍ଚାର ବ୍ୟବସ୍ଥାର ପରିଚାଳକ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ସରକାରଙ୍କ ପକ୍ଷରୁ ସୂଚନା ସେବା ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଜିଲ୍ଲାଠାରୁ ମୁଖ୍ୟାଳୟ ପର୍ଯ୍ୟନ୍ତ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିସ୍ତୃତ ପ୍ରସ୍ତାବ ଦେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିଶେଷରେ, ସମସ୍ତ ଅଧିକାରୀମାନେ ନିଷ୍ଠା ଓ ବୃତିଗତ ଦକ୍ଷତାର ସହିତ କାମ କରି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ଡିଜିଟାଲ ଯୁଗର ଏହି ପରିବର୍ତ୍ତନଶୀଳ ପରିବେଶରେ ଅଧିକାରୀମାନେ କେବଳ ସୂଚନା ପ୍ରସାର କରିବାରେ ସୀମିତ ନ ରହି, ସରକାରଙ୍କ ପ୍ରତ୍ୟେକଟି ଜନକଲ୍ୟାଣକାରୀ କାର୍ଯ୍ୟକୁ ସଚ୍ଚୋଟତା ଓ ପ୍ରତିବଦ୍ଧତାର ସହ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଚିତ୍। ସଠିକ୍ ତଥ୍ୟର ପ୍ରଚାର ଓ ପ୍ରସାର ଦ୍ୱାରା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱସନୀୟତା ଆହୁରି ଦୃଢ଼ ହୋଇପାରିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

ସରକାରୀ ଯୋଜନା ଓ ସଫଳତାର ପ୍ରକୃତ ତଥ୍ୟକୁ ସଠିକ୍ ଭାବେ ଲୋକଙ୍କ ପାଖରେ ପହଂଚାଇବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ, ଏବଂ ଜଣେ ଓଡ଼ିଶା ସୂଚନା ସେବା ଅଧିକାରୀଙ୍କ ସକରାତ୍ମକ ମନୋଭାବ ତଥା କାର୍ଯ୍ୟଶୈଳୀ ନିଶ୍ଚିତ ଭାବରେ ଜନସାଧାରଣଙ୍କ ମଧ୍ୟରେ ସରକାରଙ୍କ ଲୋକପ୍ରିୟତାକୁ ଆହୁରି ବୃଦ୍ଧି କରିବ ବୋଲି ମୁଖ୍ୟ ଶାସନ ସଚିବ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉଦ୍ୟମ ଓ ପ୍ରେରଣା ଫଳରେ ହିଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ଭବ ହୋଇପାରିଛି।

## ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ପଦକ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୯।୧୦(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ତାଙ୍କ ସରକାରୀ ବାସଭବନ, ସାତ ଲୋକ କଲ୍ୟାଣ ମାର୍ଗରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ୨୦୨୬ ରେ ଭାରତର ପ୍ରତିନିଧିତ୍ୱ କରୁଥିବା ପଦକ ବିଜେତାଙ୍କୁ ଭେଟିଛନ୍ତି ଏବଂ ଆନ୍ତର୍ଜାତୀୟ ସ୍ତରରେ ସେମାନଙ୍କର ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଯୁବ ପ୍ରତିଭାଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ସେମାନଙ୍କ ସଫଳତା ଉପରେ ଆଲୋକପାତ କରି ସେମାନଙ୍କ ସଫଳତାକୁ ପ୍ରଶଂସା କରିଥିଲେ। ଏହି ବୈଠକର ଫଟୋ ସୋସିଆଲ ମିଡିଆରେ ସେୟାର କରି ପ୍ରଧାନମନ୍ତ୍ରୀ ଏହି ଯୁବ ପ୍ରତିଭାର ସଫଳତାକୁ ପ୍ରଶଂସା କରିଥିଲେ। ଫଟୋରେ ପ୍ରଧାନମନ୍ତ୍ରୀ ପଦକ ବିଜେତାଙ୍କ ସହ କଥାବାର୍ତ୍ତା କରୁଥିବା ଏବଂ ସେମାନଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥିଲା। ଏହି ଗସ୍ତ ଦକ୍ଷତା ବିକାଶ ମାଧ୍ୟମରେ ଯୁବପିଢ଼ିଙ୍କୁ ବିଶ୍ୱସ୍ତରରେ ଉତ୍କର୍ଷ ହାସଲ କରିବା ଲାଗି ପ୍ରୋତ୍ସାହିତ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ପ୍ରୟାସକୁ ପ୍ରତିଫଳିତ କରୁଛି ଏବଂ ଧନ୍ଦାମୂଳକ ଦକ୍ଷତାର ଗୁରୁତ୍ୱକୁ ରେଖାଙ୍କିତ କରୁଛି।

## ଭଦ୍ରକ ମହିଳା କଲେଜ ଓ ତୁଳସୀ ମହିଳା ମହାବିଦ୍ୟାଳୟରେ ସାଇନ-ଏ-ଡାଏ ଘୋଷଣା

ଭୁବନେଶ୍ୱର, ୯।୧୦(ମହାଭାରତ); ଭଦ୍ରକ ମହିଳା କଲେଜକୁ ଆସନ୍ତାକାଲିଠାରୁ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ କଲେଜରେ ପାଠପଢ଼ା ସହିତ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିବ। ଶୁକ୍ରବାର କଲେଜ ଅଧକ୍ଷଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି।



ଗତକାଲି ଭଦ୍ରକ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ସଂସଦ ନିର୍ବାଚନକୁ ବାତିଲ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ଆଜି ଛାତ୍ରୀମାନଙ୍କର ବିଭିନ୍ନ ଗୋଷ୍ଠୀ ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ କଲେଜ ପରିସରରେ ଉତ୍ତ ?ଜନା ପ୍ରକାଶ ପାଇଥିଲା। ଏହା କଲେଜର ଶାନ୍ତ ଶୈକ୍ଷିକ ବାତାବରଣକୁ ନଷ୍ଟ କରିଥିବା କାରଣରୁ ଅଧକ୍ଷ ଆସନ୍ତାକାଲିଠାରୁ ସାଇନ-ଏ-ଡାଏ ଘୋଷଣା କରିଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଓ କିଛି ଅନିର୍ବାଯ୍ୟ କାରଣ ଯୋଗୁ ଗତକାଲି ଭଦ୍ରକ ମହିଳା କଲେଜରେ ନିର୍ବାଚନକୁ ବାତିଲ କରାଯାଇଥିଲା।

ସେହିପରି କେନ୍ଦ୍ରାପଡାରେ ଥିବା ତୁଳସୀ ମହିଳା ମହାବିଦ୍ୟାଳୟରେ ନିର୍ବାଚନକୁ ବାତିଲ କରାଯିବା ପରେ ଉତ୍ତେଜନା ଦେଖାଦେବାରୁ ସେଠାରେ ମଧ୍ୟ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ତୁଳସୀ ମହିଳା ମହାବିଦ୍ୟାଳୟରେ ଆଜି ନାମାଙ୍କନ ପତ୍ର ଦାଖଲକୁ ନେଇ ଦୁଇ ଗୋଷ୍ଠୀ ଛାତ୍ରୀଙ୍କ ମଧ୍ୟରେ ତୁମୁଳକାଣ୍ଡ ହୋଇଥିଲା। କିଛି ଛାତ୍ରୀ ଜାଣିଶୁଣି କଲେଜ ପରିସରରେ ବାଧା ଉପୁଜାଇବା ସହିତ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ପ୍ରାକ୍ ନିର୍ବାଚନୀ ହିଂସା, ସୃଷ୍ଟି ହୋଇଥିବା ବିଶୃଙ୍ଖଳା ଏବଂ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଲେଜରେ ଛାତ୍ରୀ ସଂସଦ ନିର୍ବାଚନକୁ ବାତିଲ କରାଯାଇଥିଲା। ଏହାକୁ ନେଇ ଉତ୍ତ ?ଜନା ପ୍ରକାଶ ପାଇବା ପରେ ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସାଇନ-ଏ-ଡାଏ ଘୋଷଣା କରାଯାଇଛି।

## ରାଷ୍ଟ୍ରପତିଙ୍କୁ ଭେଟିଲେ ବିରୋଧୀ

**ନୂଆଦିଲ୍ଲୀ, ୯।୧୦(ମହାଭାରତ):** ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି କ୍ରମରେ 'ଇଣ୍ଡିଆ' ମେଣ୍ଟର ଏମ୍‌ପିମାନେ ସଂସଦ ଭବନର ସେଣ୍ଟ୍ରାଲ ହଲରୁ ବିଜୟ ଚୌକ ପର୍ଯ୍ୟନ୍ତ ଏକ ପଦଯାତ୍ରା କରିଥିଲେ। ଏହାପରେ ବିରୋଧୀ ଦଳଗୁଡ଼ିକର ଏକ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

 କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଏହି ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତିଙ୍କୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ଦାବିପତ୍ର ଦେଇଛନ୍ତି ।ରାଷ୍ଟ୍ରପତିଙ୍କୁ ଭେଟିବା ପରେ ରାହୁଲ ଗାନ୍ଧୀ କହିଛନ୍ତି ଯେ, "ରାଷ୍ଟ୍ରପତିଙ୍କ ସହ ଆମର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଯେତେବେଳେ ଆମେ ରାଷ୍ଟ୍ରପତିଙ୍କୁ 'ଭୋଟ ଚୋରି' ବିଷୟରେ ଜଣାଇଲୁ, ସେ ଏହାକୁ ମନା କରି ନ ଥିଲେ। ବରଂ ସେ ଆମକୁ ଏହାର ପ୍ରମାଣ ଉପସ୍ଥାପନ କରିବାକୁ କହିଛନ୍ତି।" ଏହାସହ ସେ ରାଷ୍ଟ୍ରପତିଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

ଅନ୍ୟପଟେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ ନିର୍ବାଚନରେ ପୁନର୍ବାର ବାଲଟ ପେପର ବ୍ୟବସ୍ଥା ଲାଗୁ କରିବାକୁ ଦାବି କରାଯାଇଛି ଏବଂ ରାଷ୍ଟ୍ରପତି ମାଗିଥିବା ସମସ୍ତ ପ୍ରମାଣ ଖୁବଶୀଘ୍ର ହସ୍ତାନ୍ତର କରାଯିବ। ତୃଣମୂଳ କଂଗ୍ରେସ ପ୍ରମୁଖ ମମତା ବାନାର୍ଜୀ କହିଛନ୍ତି ଯେ ବିରୋଧୀ ମେଣ୍ଟ ସମ୍ପୂର୍ଣ୍ଣ ଏକଜୁଟ ଏବଂ ଶକ୍ତିଶାଳୀ ଅଛି, ଯିଏ ଦେଶର ୬୦ ପ୍ରତିଶତରୁ ଅଧିକ ଜନସାଧାରଣଙ୍କ ପ୍ରତିନିଧିତ୍ୱ କରୁଛି।

ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ମମତା ବାନାର୍ଜୀ, ଅଭିଷେକ ବାନାର୍ଜୀ ଏବଂ ଡି.କେ. ଶିବକୁମାରଙ୍କ ସମେତ ଅନେକ ବିରୋଧୀ ସାଂସଦ ବିଜୟ ଚୌକରେ ଧାରଣାରେ ବସି ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ନାରାବାଜି କରିଥିଲେ।



ଏହାପୂର୍ବରୁ ସମ୍ବିଧାନ ସଦନର କେନ୍ଦ୍ରୀୟ କକ୍ଷରେ ବିରୋଧୀ ନେତାମାନେ ଏକାଠି ହୋଇ 'ଭୋଟ ଚୋରି' ବିରୋଧରେ ଆନ୍ଦୋଳନକୁ ଆଗକୁ ନେବା ଏବଂ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ ।ସେଣ୍ଟ୍ରାଲ ହଲରେ ଏମ୍‌ପିମାନଙ୍କୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଥିଲେ ଯେ ଦେଶର ନାଗରିକଙ୍କ ଅଧିକାର ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଗୁଜରାଟ, ହରିୟାଣା ଏବଂ ମହାରାଷ୍ଟ୍ର ନିର୍ବାଚନ ଫଳାଫଳକୁ ନେଇ ପ୍ରଶ୍ନ ଉଠାଇବା ସହ ସେ କହିଥିଲେ ଯେ ଏହା କେବଳ ଜ୍ଞାନେଶ କୁମାରଙ୍କ କଥା ନୁହେଁ, ବରଂ ବର୍ତ୍ତମାନ ସରକାରଙ୍କୁ ବରଖାସ୍ତ କରିବାକୁ ପଡ଼ିବ। ଏହି ବୈଠକରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁକ୍ଖୁ, ଏନସିପି ନେତ୍ରୀ ସୁପ୍ରିୟା ସୁଲେ, ସିପିଆଇ(ଏମ୍) ନେତା ଏମ୍.ଏ. ବେବି, ସିପିଆଇ ନେତା ଡି. ରାଜା, ସମାଜବାଦୀ ପାର୍ଟି ଏମ୍‌ପି ରାଜୀବ ରାୟ, ସ୍ୱାଧୀନ ଏମ୍ ?ପି କପିଲ ସିବଲଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

## ଶିଶୁ ଓ ଗର୍ଭବତୀ ମା'ଙ୍କ ଯତ୍ନ ନେବା ଆମର ସାମାଜିକ ଦାୟିତ୍ୱ : ଧର୍ମେନ୍ଦ୍ର

**କୁଚିଣ୍ଡା/ସମ୍ବଲପୁର/ଭୁବନେଶ୍ୱର, ୯।୧୦(ମହାଭାରତ):** ନବଜାତ ଶିଶୁ ଓ ଗର୍ଭବତୀ ମା'ଙ୍କ ସୁସ୍ଥ ଶରୀର ପାଇଁ ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ ସାମାଜିକ ଦାୟିତ୍ୱ ବୋଲି ଶୁକ୍ରବାର ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କୁଚିଣ୍ଡା ଗସ୍ତ ଅବସରରେ'ସେବା ସଂକଳ୍ପ ଅଭିଯାନ' ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଆଜି କୁଚିଣ୍ଡା ଠାରେ ନବନିର୍ମିତ 'ଅଡିଟୋରିୟମ୍ ଏବଂ ସାଂସ୍କୃତିକ କେନ୍ଦ୍ର' ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ ।ସାଂସ୍କୃତିକ କେନ୍ଦ୍ର ସହ ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ଜନହିତକର ପ୍ରକଳ୍ପଗୁଡ଼ିକ କୁଚିଣ୍ଡାକୁ ଏକ ନୂତନ ପରିଚୟ ପ୍ରଦାନ କରିବ ବୋଲି ସେ ପ୍ରକାଶ କରିଥିଲେ ।ଏହାପରେ ସାଂସଦ ଶ୍ରୀ ପ୍ରଧାନ କୁଚିଣ୍ଡା ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କ ଗହଣରେ କିଛି ସମୟ ଅତିବାହିତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କରେ ପଚାରି ବୁଝିଥିଲେ ।'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ 'ଆଙ୍ଗନ ମିଳନ' ଉତ୍ସବରେ ଅଙ୍ଗନବାଡ଼ି, ଆଶା କର୍ମୀ, ସ୍ଥାନୀୟ ମା'ମାନେ ଓ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସହ ସେ ସିଧାସଳଖ ଭାବ ବିନିମୟ କରିଥିଲେ ।ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ସହ ସେମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ଆମର ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କ ନିଷ୍ଠାପର ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ ।ଆୟୋଜିତ ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଥିଲେ ଯେ, ପୋଷଣ ମାଧ୍ୟମରେ ସୁସ୍ଥ ପରିବାର, ସ୍ୱଚ୍ଛତା ମାଧ୍ୟମରେ ସୁସ୍ଥ ପରିବେଶ ଏବଂ ନିଶାମୁକ୍ତ ସମାଜ ମାଧ୍ୟମରେ ସୁରକ୍ଷିତ ଭବିଷ୍ୟତ, ଏହି ତିନୋଟି ସଂକଳ୍ପକୁ ଆମକୁ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଜାଗ୍ରତ କରିବାକୁ ହେବ ।ଏହି ସଂକଳ୍ପଗୁଡ଼ିକୁ ଏକ ବିଶାଳ ଜନଆନ୍ଦୋଳନରେ ପରିଣତ କଲେ ହିଁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ପୂରଣ ହୋଇପାରିବ ।କୁଚିଣ୍ଡାରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଏବଂ ଉତ୍ତମ ରାସ୍ତାଘାଟ ନିର୍ମାଣ କରି କୁଚିଣ୍ଡାର ସର୍ବାଙ୍ଗୀନ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବାସଭବନରେ ଭିଜିଲାନ୍ସ ରେଡ୍

ଭୁବନେଶ୍ୱର, ୯।୧୦(ମହାଭାରତ): ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ସୁନ୍ଦରଗଡ଼ର ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ୱାଟରସେଡ୍ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ରଙ୍କ ସହ ସମ୍ପୃକ୍ତ ୮ଟି ଠିକଣାରେ ଏକକାଳୀନ ଚଢ଼ାଉ ଆରମ୍ଭ କରାଯାଇଛି। ଭୁବନେଶ୍ୱର, ସୁନ୍ଦରଗଡ଼ ଓ କଟକ ଜିଲ୍ଲାରେ ଏହି ଚଢ଼ାଉ ଚାଲିଛି।

ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଜାରି ଔପଚାରିକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଏହି ଚଢ଼ାଉ ପାଇଁ ଜଣେ ଅତିରିକ୍ତ ଏସ୍‌ପି, ଚାରି ଜଣ ଡିଏସ୍‌ପି, ୧୩ ଜଣ ଇନ୍ସପେକ୍ଟର, ପାଞ୍ଚ ଜଣ ଏଏସ୍‌ଆଇ ଏବଂ ଅନ୍ୟ ସହଯୋଗୀ କର୍ମଚାରୀଙ୍କୁ ନେଇ ବିଭିନ୍ନ ଟିମ୍ ଗଠନ କରାଯାଇଛି । ସୁନ୍ଦରଗଡ଼ର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି ତଲାସି ଅଭିଯାନ ଚାଲିଛି।

ଭିଜିଲାନ୍ସ ଟିମ୍ ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ଶ୍ରାବଣୀ ରେସିଡେନ୍ସିର ଦ୍ୱିତୀୟ ମହଲାରେ ଥିବା ଫ୍ଲାଟ୍ ନମ୍ବର-୮ରେ ତଲାସି କରୁଛନ୍ତି। ଏହା ସହିତ ମଞ୍ଜୁନାଥ ଭିଲାର ଫେଜ୍-୨ରେ ଥିବା ଏମ୍-୧୦୫, ଏମ୍-୧୧୦ ଏବଂ ଏମ୍-୧୧୫ ନମ୍ବର ବିଶିଷ୍ଟ ତିନୋଟି ଦୁଇ ମହଲା ବିଶିଷ୍ଟ ଆବାସିକ ଘରର ମଧ୍ୟ ଯାଞ୍ଚ କରାଯାଉଛି।

ଭୁବନେଶ୍ୱରର ବାଲିଅନ୍ତାସ୍ଥିତ ପାତ୍ରଙ୍କ ଅନ୍ୟ ଏକ ଆବାସିକ ଘରେ ମଧ୍ୟ ଚଢ଼ାଉ ଜାରି ରହିଛି। ଏଥିସହ ସୁନ୍ଦରଗଡ଼ସ୍ଥିତ ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ୱାଟରସେଡ୍ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କକ୍ଷ ଏବଂ ସୁନ୍ଦରଗଡ଼ ସହରରେ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସରକାରୀ ବାସଭବନରେ ମଧ୍ୟ ତଲାସି ଚାଲିଛି।

ଏହି ଚଢ଼ାଉ ପରିସରରେ କଟକ ଜିଲ୍ଲାର ବାଙ୍କୀ ଥାନା ଅନ୍ତର୍ଗତ ଚର୍ଚ୍ଚିକା ଗ୍ରାମରେ ଥିବା ତାଙ୍କ ଶ୍ୱଶୁର ଘର ପକ୍ଷର ଏକ ଆବାସିକ ଘର ମଧ୍ୟ ସାମିଲ ରହିଛି।

# ଗୋପବନ୍ଧୁ ଥିଲେ ଜାତୀୟ ଚେତନା ଓ ଓଡ଼ିଆ ଅସ୍ମିତାର ଜୀବନ୍ତ ଆଲେଖ୍ୟ

ଭୁବନେଶ୍ୱର, ୯।୧୦(ମହାଭାରତ); ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ଆମର ଯୁବ ସମାଜ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଜି ଜୟଦେବ ଭବନଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମୁଖ୍ୟମନ୍ତ୍ରୀ,ତାଙ୍କର ତ୍ୟାଗ, ସେବା, ଦେଶପ୍ରେମ ଓ ସାରସ୍ୱତ ସାଧନାର ସ୍ମୃତିଚାରଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୋପବନ୍ଧୁ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ମହାନ୍ ? ଅନୁଷ୍ଠାନ, ଜାତୀୟ ଚେତନା ଓ ଓଡ଼ିଆ ଅସ୍ମିତାର ଜୀବନ୍ତ ଆଲେଖ୍ୟ। ଆଜିର ଯୁବପିଢ଼ି ଗୋପବନ୍ଧୁଙ୍କ ସେବା ମନୋଭାବକୁ ଆପଣାଇ ରାଷ୍ଟ୍ରଗଠନରେ ସକ୍ରିୟ ଯୋଗଦାନ ଦେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଯୁବପିଢୀଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ, ଆପଣମାନେ କେବଳ ନିଜ ବ୍ୟକ୍ତିଗତ ସଫଳତା ପାଇଁ ନୁହେଁ, ବରଂ ସମାଜ ପ୍ରତି ଆପଣଙ୍କର ଦାୟିତ୍ୱକୁ ବୁଝନ୍ତୁ। କେବଳ ନିଜ ପାଇଁ ବଞ୍ଚିବା ପ୍ରକୃତ ଜୀବନ ନୁହେଁ, ବରଂ ପଣ୍ଡିତ ଗୋପବନ୍ଧୁଙ୍କ ପରି ଅନ୍ୟର ମୁହଁରେ ହସ ଫୁଟାଇବାରେ ଏବଂ ରାଜ୍ୟର ସେବାରେ ନିଜକୁ ନିୟୋଜିତ କରିବାରେ ହିଁ ଜୀବନର ସାର୍ଥକତା ରହିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ପାଇଁ ନିରନ୍ତର ପ୍ରେରଣାର ଉତ୍ସ । ସମାଜର ଦରିଦ୍ର, ଅବହେଳିତ ଲୋକଙ୍କର ସେବା କରିବା ଏବଂ ଅପହଞ୍ଚ ଇଲାକାରେ ସମାଜରେ ଶେଷ ଧାଡିରେ ଥିବା ଲୋକଙ୍କ କଲ୍ୟାଣ ପାଇଁ କାମ କରିବା ଥିଲା ଗୋପବନ୍ଧୁଙ୍କ ଆଦର୍ଶ । ଗୋପବନ୍ଧୁଙ୍କ ସେହି ଆଦର୍ଶକୁ ଅନୁସରଣ କରି ଆମ ସରକାର ସମାଜର



ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ସେ କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ଲକ୍ଷ୍ୟ ନେଇ ଆମ ସରକାର କେଜି ରୁ ପିଜି ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା, 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା', 'ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା', ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ବିନା ମୂଲ୍ୟରେ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ ଆଦି ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ମଧୁବାବୁ ପେନସନ୍ ଯୋଜନାରେ ମଧ୍ୟ ସାଚୁରେସନ୍ ଆଣି ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପେନସନ୍ ଦେବା ପାଇଁ ପଦକ୍ଷେପ ନିଆଯାଉଛି ।ଗୋପବନ୍ଧୁଙ୍କ ପ୍ରେରଣାରେ ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତାର ସୁରକ୍ଷା ପାଇଁ 'ଓଡ଼ିଆ ଅସ୍ମିତା ଭବନ' ପ୍ରତିଷ୍ଠା, ସତ୍ୟବାଦୀସ୍ଥିତ 'ଓଡ଼ିଆ ବିଶ୍ୱବିଦ୍ୟାଳୟ'ର ଉନ୍ନତିକରଣ, ୯୦ କୋଟି ଟଙ୍କା ବ୍ୟୟରେ ବକୁଳ ବନର ପୁନର୍ବିକାଶ ଏବଂ ଗୋପବନ୍ଧୁଙ୍କ ଜନ୍ମମାଟି ସତ୍ୟବାଦୀ ଅଞ୍ଚଳର ବିକାଶ ପାଇଁ ପ୍ରାୟ ୫୦୦ କୋଟି ଟଙ୍କାର ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଆଜିର ଯୁବପିଢ଼ିଙ୍କୁ ଉତ୍କଳମଣି ଗୋପବନ୍ଧୁଙ୍କ ପଥକୁ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ଏକ ସମୃଦ୍ଧ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ଗୋପବନ୍ଧୁଙ୍କ ଚିନ୍ତାଧାରା ଓ ଆଦର୍ଶ ଅତ୍ୟନ୍ତ ପ୍ରାସଙ୍ଗିକ। ଏହି ଅବସରରେ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର କହିଥିଲେ ଯେ, ଆଜିର ଆଧୁନିକ ସମୟରେ ମଧ୍ୟ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଚିନ୍ତାଧାରା ଓ ଆଦର୍ଶ ପ୍ରାସଙ୍ଗିକ ଅଟେ । ଏହି ଅବସରରେ ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍ ପ୍ରକାଶ ମିଶ୍ର କହିଥିଲେ ଯେ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପବିତ୍ର ପୁଣ୍ୟଭୂମିରେ ଜନ୍ମଗ୍ରହଣ କରିବା ମୋ ପାଇଁ କେବଳ ଗର୍ବର ବିଷୟ ନୁହେଁ, ବରଂ ଏହା ମୋର ବି ଅହଙ୍କାର। ଜନ୍ମ ନୁହେଁ, ବରଂ ମଣିଷର କର୍ମ ଓ ମୃତ୍ୟୁ ହିଁ ତା'ର ପରିଚୟ ସୃଷ୍ଟି କରିଥାଏ। ଏହି ଅବସରରେ ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ ଗୋପବନ୍ଧୁଙ୍କ ନିଷ୍କାମ ସେବା ମନୋଭାବକୁ ମନେ ପକାଇ କହିଛନ୍ତି ଯେ, ସମାଜର ଗରୀବ, ଅସହାୟ ଓ ନିଷ୍ପେ ?ସିତ ଲୋକଙ୍କ ସେବାରେ ଗୋପବନ୍ଧୁ ନିଜକୁ ସମର୍ପଣ

## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:**ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

ଖବର

# କାହିଁକି ବୃଦ୍ଧିପାଏ କୋଲେଷ୍ଟ୍ରଲ ?

କୋଲେଷ୍ଟ୍ରଲ ବୃଦ୍ଧି ପାଇଲେ ହୃଦଘାତ ଏବଂ ମସ୍ତିଷ୍କ ଆଘାତର ଆଶଙ୍କା ବଢିଯାଏ। ଖାଦ୍ୟପେୟରେ ଅନିୟମିତତା ଏବଂ ସ୍ୱଳ୍ପ ଶାରୀରିକ କାର୍ଯ୍ୟକଳାପ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ପ୍ରମାଣିତ ହେଉଛି। ଏହି ସାମାନ୍ୟ ଅବହେଳା ବହୁ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ସେଥିମଧ୍ୟରୁ କୋଲେଷ୍ଟ୍ରଲ ବୃଦ୍ଧି ଅନ୍ୟତମ। ଶରୀରରେ ଖରାପ କୋଲେଷ୍ଟ୍ରଲ ବୃଦ୍ଧି ହେଲେ ହୃଦୟ ସ୍ୱାସ୍ଥ୍ୟ ବିଗିଡିଯାଏ। ଏହି କାରଣରୁ ରକ୍ତ ମସ୍ତିଷ୍କ ଏବଂ ହୃଦୟରେ ପହଞ୍ଚେ ନାହିଁ, ଯେଉଁ କାରଣରୁ ହୃଦଘାତ ଏବଂ ମସ୍ତିଷ୍କ ଆଘାତର ଆଶଙ୍କା ବଢିଯାଏ। ସେଥିପାଇଁ ଉଚ୍ଚ କୋଲେଷ୍ଟ୍ରଲକୁ ନୀରବ ଘାତକ ବୋଲି କୁହାଯାଏ। ଶରୀରରେ କୋଲେଷ୍ଟ୍ରଲ ବୃଦ୍ଧି ହେଲେ କି କି ଲକ୍ଷଣ ଦେଖାଯାଏ,



ଜାଣନ୍ତୁ...

କୋଲେଷ୍ଟ୍ରଲ ବୃଦ୍ଧିର ଲକ୍ଷଣ

ଆଖିର ଚାରିପାଖରେ ହଳଦିଆ ଦାଗ, ଯାହାକୁ ଜେନଥୋମାସ୍ କୁହାଯାଏ।

ଛାତି ଯନ୍ତ୍ରଣା (ଏନଜାଇନା)

ଶରୀରର ଗୋଟିଏ ପାର୍ଶ୍ୱରେ ଦୁର୍ବଳତା।

ଷ୍ଟ୍ରୋକ୍ କାରଣରୁ ପକ୍ଷାଘାତ ବା ପାରାଲିସିସ୍।

ଗୋଡରେ ଯନ୍ତ୍ରଣା, ଚାଲିବାରେ ଅସୁବିଧା।

ଉଚ୍ଚ କୋଲେଷ୍ଟ୍ରଲରୁ କିପରି ରକ୍ଷା ପାଇବେ

ଉଚ୍ଚ କୋଲେଷ୍ଟ୍ରଲରୁ ରକ୍ଷା ପାଇବା ପାଇଁ, ସର୍ବପ୍ରଥମେ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ପ୍ରତିଦିନ ପର୍ଯ୍ୟାପ୍ତ ପରିମାଣରେ ଶୋଇବା ଜରୁରୀ। ଖାଦ୍ୟ ସାଙ୍ଗକୁ ଶାରୀରିକ ବ୍ୟାୟାମ କରନ୍ତୁ। ଖାଦ୍ୟରେ ସବୁଜ ପତ୍ରଯୁକ୍ତ ପନିପରିବା ଅନ୍ତର୍ଭୁକ୍ତ କରନ୍ତୁ। ପ୍ରତିଦିନ ଫଳ ଖାଇବା ଅଭ୍ୟାସ ରଖନ୍ତୁ। ବିଭିନ୍ନ ପ୍ରକାର ସିଡ୍ସ ଏବଂ ଡ୍ରାଏ ଫ୍ରୁଟ୍ସ ଖାଆନ୍ତୁ। ଅଧିକ ଚାପ ନିଅନ୍ତୁ ନାହିଁ। ବାହାର ଖାଦ୍ୟ, ଜଙ୍କ ଫୁଡଠାରୁ ଦୂରରେ ରୁହନ୍ତୁ। ପ୍ରକ୍ରିୟାକୃତ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଲାଲ୍ ମାଂସଠାରୁ ଦୂରେଇ ରୁହନ୍ତୁ। ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ। ଏହି ସବୁ ଉପାୟ ଅବଲମ୍ବନ କରି କେବଳ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିପାରିବେ।



## ଆଖି ତଳ କଳାଦାଗର ଉପଚାର

ଶୀତଦିନିଆ ଥଣ୍ଡା ପରିବେଶ କାରଣରୁ କେତେଜଣଙ୍କର ଆଖି ତଳ କଳାଦାଗ ସମସ୍ୟା ବଢ଼େ। ଏଥିରୁ ରକ୍ଷା ପାଇବାକୁ କେତୋଟି ସରଳ ଘରୋଇ ଉପଚାର:

◆ ବାଦାମ ତେଲ ୧ଚାମଚ ଓ ଲେମ୍ବୁ ରସ ଅଧ ଚାମଚକୁ ମିଶାଇ ତୁଳାରେ ନେଇ ଆଖି ତଳ କଳାଦାଗରେ ଲଗାଇ ୨ମିନିଟ୍ ମାଲିସ୍ କରନ୍ତୁ। ରାତିରେ ଏଇ ପ୍ୟାକ୍ ଲଗାଇ ଶୋଇବା ଭଲ। ସପ୍ତାହେ କରିବା ପରେ ଫରକ୍ ଜାଣିପାରିବେ।

◆ କଞ୍ଚା ଖିରରେ ଭିଟାମିନ୍ ଇ ମିଶାଇ ଆଖି ଚାରିପାଖେ ମାଲିସ୍ କରନ୍ତୁ। ସ୍ନାନ ପୂର୍ବରୁ ଏହି ପ୍ୟାକ୍ ଲଗାନ୍ତୁ। ଆଖି ତଳ କଳାଦାଗ ଦୂର ହେବା ପରେ ମଧ୍ୟ ଏଇ ପ୍ୟାକ୍ ଲଗାଇଲେ ଆଖି ବିନ୍ଧା ସମସ୍ୟା ଦୂର ହୁଏ।



◆କାକୁଡ଼ି ଓ ଟମାଟୋ ରସ ସମପରିମାଣରେ ମିଶାଇ ଆଖି ତଳ କଳାଦାଗରେ ଲଗାଇବା ଭଲ। ପ୍ରତିଦିନ ଏଇ ପ୍ୟାକ୍ ଲଗାଇଲେ ଶୀଘ୍ର ଫରକ୍ ଜାଣିପାରିବେ।

## ପ୍ରକୃତି ଦିଏ ଯଥାର୍ଥ ନ୍ୟାୟ

ଧର୍ମ ଶାସ୍ତ୍ରରେ ଯାହା ବର୍ଣ୍ଣନା ହୋଇଛି, ଜଗତ ସେତିକି ମାତ୍ର ନୁହେଁ। ଶାସ୍ତ୍ରରେ ତ କିଛି ଅଂଶ ହିଁ ଅଛି। ବାକି, ଜଗତ ତ ଅବକ୍ତବ୍ୟ ଏବଂ ଅବର୍ଣ୍ଣନୀୟ ଅଟେ ଯେ ଯାହା ଶବ୍ଦରେ ଧାରଣ ହୋଇପାରେ ଏପରି ନୁହେଁ, ତେବେ ପୁଣି ଶବ୍ଦରୁ ବାହାରର କଥା ତୁମେ କେଉଁଠୁ ଆଣିବ ? ଶବ୍ଦରେ ଧାରଣ ହୁଏ ନାହିଁ ତେବେ ଶବ୍ଦରୁ ବାହାରେ ତୁମେ ତାହାର ବର୍ଣ୍ଣନା କିପରି ବୁଝିବ ?

ପ୍ରକୃତିର ଯେଉଁ ନ୍ୟାୟ, ସେଥିରେ ଗୋଟିଏ କ୍ଷଣ ପାଇଁ ମଧ୍ୟ ଅନ୍ୟାୟ ହୋଇନାହିଁ। ଏ ପ୍ରକୃତି, ଗୋଟିଏ କ୍ଷଣ ପାଇଁ ମଧ୍ୟ ଅନ୍ୟାୟୀ ହୋଇନାହିଁ। କୋର୍ଟରେ ଅନ୍ୟାୟ ହୋଇଥାଇପାରେ, କିନ୍ତୁ ପ୍ରକୃତି କେବେ ଅନ୍ୟାୟୀ ହୋଇନାହିଁ। ପ୍ରକୃତିର ନ୍ୟାୟ କିପରି ଅଟେ ଯେ, ଯଦି ତୁମେ ଭଲ ମଣିଷ ଅଟ ଏବଂ ଆଜି ତୁମେ ଚୋରି କରିବା ପାଇଁ ଯାଅ ତେବେ ତୁମକୁ ପ୍ରଥମରୁ ହିଁ ଧରା ପକାଇ ଦେବ ଆଉ ଯଦି ଖରାପ ମଣିଷ ହୋଇଥିବ ତେବେ ତାକୁ ପ୍ରଥମ ଦିନ ପ୍ରୋତ୍ସାହିତ କରିବ। ପ୍ରକୃତିର ଏପରି ହିସାବ ଯେ, ପ୍ରଥମବାଲାକୁ ଭଲ ରଖିବାର ଅଛି, ସେଥିପାଇଁ ତା'କୁ ଧରା ପକାଇଦେବ, ତା'କୁ ସହାୟତା କରିବ ନାହିଁ ଆଉ ଦ୍ୱିତୀୟ ଜଣଙ୍କୁ ସହାୟତା କରିଚାଲିବ



ଏବଂ ପରେ ଏମିତି ମାଡ଼ ମାରିବ ଯେ, ପୁଣି ସେ ଉପରକୁ ଉଠି ପାରିବ ନାହିଁ। ସେ ଅଧୋଗତିରେ ଯିବ। ପ୍ରକୃତି ଗୋଟିଏ ମିନିଟ୍ ମଧ୍ୟ ଅନ୍ୟାୟୀ ହୋଇନାହିଁ। ଯଦି ପ୍ରକୃତିର ନ୍ୟାୟକୁ ବୁଝିବ ଯେ, 'ଯାହା ହେଲା ତାହା ନ୍ୟାୟ' ତେବେ ତୁମେ ଏ ଜଗତରୁ ମୁକ୍ତ ହୋଇ ପାରିବ ଅନ୍ୟଥା ପ୍ରକୃତିକୁ ତିଳେମାତ୍ର ବି ଅନ୍ୟାୟୀ ମାନିଲ, ତେବେ ତାହା ତୁମ ପାଇଁ ଜଗତରେ ସମସ୍ୟାର ହିଁ କାରଣ ଅଟେ। ପ୍ରକୃତିକୁ ନ୍ୟାୟ ମାନିବା, ତାହାର ନାମ ଜ୍ଞାନ। 'ଯେପରି ଅଟେ ସେପରି' ଜାଣିବା, ତାହାର ନାମ ଜ୍ଞାନ ଏବଂ 'ଯେପରି ଅଟେ ସେପରି' ନଜାଣିବା, ତାହାର ନାମ ଅଜ୍ଞାନ। ଜଗତରେ ନ୍ୟାୟ ଖୋଜିବା ଯୋଗୁଁ ହିଁ ତ ପୁରା ଦୁନିଆରେ ଲଢ଼େଇ ସବୁ ହୋଇଛି। ଜଗତ ନ୍ୟାୟ ସ୍ୱରୂପ ହିଁ ଅଟେ। ଏଥିପାଇଁ ଏ ଜଗତରେ ନ୍ୟାୟ ଖୋଜିବ ହିଁ ନାହିଁ। ଯାହା ହେଲା, ତାହା ନ୍ୟାୟ। ଯାହା ହୋଇଗଲା ତାହା ହିଁ ନ୍ୟାୟ। ନ୍ୟାୟ ଖୋଜୁଛନ୍ତି, ସେଥିପାଇଁ ଏ କୋର୍ଟ ଇତ୍ୟାଦି ସବୁ ତିଆରି ହେଲା ! 'ନ୍ୟାୟ' ସ୍ୱରୂପ ଅଲଗା ଅଟେ ଏବଂ ଆମର ଏ ଫଳ ସ୍ୱରୂପ ଅଲଗା ଅଟେ ! ନ୍ୟାୟ-ଅନ୍ୟାୟର ଫଳ, ତାହା ତ ହିସାବ ଅନୁଯାୟୀ ଆସେ ଆଉ ଆମେ ତା ସହିତ ନ୍ୟାୟ ଯୋଡ଼ିବା ପାଇଁ ଯାଆନ୍ତି, ପୁଣି କୋର୍ଟକୁ ହିଁ ଯିବାକୁ ପଡ଼ିବ ଅବା ଆଉ ସେଠାକୁ ଯାଇ, ଥକିକରି, ଶେଷରେ ଫେରିକି ହିଁ ଆସିବାର ଅଛି ! ତୁମେ କାହାକୁ ଗୋଟିଏ ଗାଳି ଦେଲ ତେବେ ପୁଣି ସେ ତୁମକୁ ଦୁଇ-ତିନି ଗାଳି ଦେଇ ଦେବ, କାହିଁକି ତା'ମନ ତୁମ ଉପରେ କ୍ରୋଧିତ ଥାଏ। ସେତେବେଳେ ଲୋକେ କ'ଣ କୁହନ୍ତି ? ତୁ କ'ଣ ପାଇଁ ତିନୋଟି ଗାଳି ଦେଲୁ, ସେ ତ ଗୋଟିଏ ହିଁ ଦେଇଥିଲା।

# କିଡ୍‌ନୀ ଫେଲ୍‌ର ଲକ୍ଷଣ କ'ଣ ?

କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥକୁ ୟୁରିନ୍ ରାସ୍ତା ଦେଇ ବାହାରକୁ ବାହାର କରିବା କାମ କରିଥାଏ। କିନ୍ତୁ ଅନେକ ଥର ଏମିତି ବି ହୋଇଥାଏ ଯେ ଇନଫେକସନ୍ କାରଣରୁ କିଡନୀ ଭଲଭାବେ କାମ କରିନଥାଏ। ଯାହା ପରେ କିଡନୀ ନଷ୍ଟର କାରଣ ସାଜିଥାଏ। କିନ୍ତୁ କଣ ଆପଣଙ୍କୁ ଜଣାଅଛି କିଡନୀ ଫେଲ ହେବା ପୂର୍ବରୁ ଶରୀରରେ ଅନେକ କିଛି ଲକ୍ଷଣ ଦେଖାଯାଇଥାଏ। ଯେଉଁ ଲକ୍ଷଣ ଆପଣଙ୍କୁ ଜଣାଇଥାଏ ଯେ ଆପଣଙ୍କ କିଡନୀ ଡ୍ୟାମେଜ୍ ହେଉଛି। ଭାରତରେ କ୍ରମାଗତ ଭାବେ କିଡନୀ ଫେଲ୍ ସମସ୍ୟା ବଢ଼ିବାରେ ଲାଗିଛି । ଦେଶରେ ପାଖାପାଖି ୧୫ ପ୍ରତିଶତ ଲୋକ କିଡନୀ ସମ୍ପର୍କିତ କୌଣସି ସମସ୍ୟାରେ ପୀଡ଼ିତ ରହିଛନ୍ତି । ପ୍ରତିବର୍ଷ ଦେଶର ପ୍ରତି ୧ ଲକ୍ଷ ଲୋକଙ୍କ ମଧ୍ୟରୁ ୧୦ ଜଣ କିଡନୀ ଡ୍ୟାମେଜ୍ କାରଣରୁ ପ୍ରାଣ ହରାଉଛନ୍ତି । ବର୍ଷକ ମଧ୍ୟରେ ସାରା ଦେଶରେ ପାଖାପାଖି ୮-୧୦ ହଜାର ଲୋକଙ୍କର କିଡନୀ ପ୍ରତ୍ୟାରୋପଣ କରାଯାଇଥାଏ । ଉପଯୁକ୍ତ ଜ୍ଞାନର ଅଭାବ ଓ



ଚିକିତ୍ସାର ଅଭାବ କାରଣରୁ ଅନେକ ଲୋକ ମୃତ୍ୟୁମୁଖରେ ପଡୁଥିବା ଦେଖାଯାଉଛି । ଅନେକ ସମୟରେ କୌଣସି ବ୍ୟକ୍ତିଙ୍କର କିଡନୀ ଖରାପ ହେବା ପରେ ସେ ସହାୟତା ପାଇଁ ଅନୁରୋଧ କରିଥାନ୍ତି । ତେବେ ଯଦି ଜଣଙ୍କର ଗୋଟିଏ କିଡନୀ କୌଣସି କାରଣରୁ ଖରାପ ହୋଇଯାଏ ତେବେ ସେ ଅନ୍ୟ କିଡନୀରେ ଜୀବିତ ରହିପାରନ୍ତି । ମାତ୍ର ଏପରି ସ୍ଥିତିରେ ଯଦି ଦୁଇଟି ଯାକ କିଡନୀ ନଷ୍ଟ ହୋଇଯାଏ, ତେବେ ମଣିଷ କ'ଣ ବଞ୍ଚି ପାରିବ ? ଏ ବାବଦରେ ନୂଆଦିଲ୍ଲୀ ସ୍ଥିତ ସାର ଗଙ୍ଗାରାମ ହସ୍ପିଟାଲର ୟୁରୋଲୋଜି ବିଭାଗର ବରିଷ୍ଠ କନସଲଟାଣ୍ଟ ଡା. ସୁଧୀର ଚଢଢା ସୂଚନା ଦେଇଛନ୍ତି ।

ସାଧାରଣ ଭାବେ କିଡନୀର ମୁଖ୍ୟ କାର୍ଯ୍ୟ ହେଉଛି ରକ୍ତକୁ ପରିଷ୍କାର କରିବା ଓ ମଇଳା ପଦାର୍ଥକୁ ପରିସ୍ରା ଦ୍ୱାରା ବାହାରକୁ ବାହାର କରିବା । କିଡନୀ ରକ୍ତଚାପକୁ ରେଗୁଲେଟ କରିବା ସହିତ ଲାଲ ରକ୍ତକୋଷିକାକୁ ନିର୍ମାଣ କରିଥାଏ । ଏଥିସହିତ କିଡନୀ ଆମ ଶରୀରର ପୋଟେନସିଆଲ ଅଫ୍ ହାଇଡ୍ରୋଜେନ ସ୍ତରକୁ ନିୟନ୍ତ୍ରଣ କରିଥାଏ । ଯଦି ଆପଣଙ୍କ କିଡନୀ ଠିକ୍ ଭାବେ କାମ କରିବ ନାହିଁ, ତେବେ ଆପଣଙ୍କ ଶରୀରରେ ଅପରିଷ୍କାର ପଦାର୍ଥ ଜମି ରହିବ । ଏପରି ସ୍ଥିତିରେ ଶରୀରରେ ଅନେକ ପ୍ରକାରର ରୋଗ ସୃଷ୍ଟି ହେବ ଓ ଠିକ୍ ସମୟରେ ଚିକିତ୍ସା ନକଲେ ଆପଣଙ୍କର ଜୀବନ ଯାଇପାରେ । ଯଦି ଜଣଙ୍କର ଗୋଟିଏ ବା ଦୁଇଟି କିଡ୍‌ନୀ କାମ କରିବା ବନ୍ଦ କରିଦେବ, ତେବେ ଏହାକୁ କିଡନୀ ଫେଲୁଅର କୁହାଯିବ । ଅନେକ ସମୟରେ ଠିକ୍ ସମୟରେ ଚିକିତ୍ସା ନ କରାଇବା ଓ କିଡନୀକୁ ନେଇ ଉପଯୁକ୍ତ ସଚେତନତାର ଅଭାବ କାରଣରୁ ଅନେକଙ୍କର ଅକାଳରେ ମୃତ୍ୟୁ ଘଟିଥାଏ । ଡାଇବେଟିସ, ଉଚ୍ଚ ରକ୍ତଚାପ ଓ ହାର୍ଟ ରୋଗୀଙ୍କୁ କିଡ୍‌ନୀ ଫେଲୁଅର ସମସ୍ୟାରେ ବେଶି ସାମ୍ନା କରିବାକୁ ପଡ଼ିଥାଏ । ଶରୀରରେ ବ୍ଲଡ ସୁଗର ସ୍ତର ବଢ଼ିବା ଫଳରେ ଡାଇବେଟିସ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଇଥାଏ, ଫଳରେ ଶରୀରର ଅନ୍ୟ ଅଙ୍ଗ ମଧ୍ୟ ଅକାମୀ ହୋଇପଡ଼େ । ଉଚ୍ଚ ରକ୍ତଚାପରେ ଶରୀରରେ ରକ୍ତ କୋଷିକାଗୁଡ଼ିକରେ ଜୋରରେ ରକ୍ତ ପ୍ରବାହିତ ହୋଇଥାଏ । ରକ୍ତ ଜୋରରେ ପ୍ରବାହିତ ହେଲେ କିଡନୀର ଟିସୁ ଡ୍ୟାମେଜ ହୋଇଥାଏ । ଫଳରେ ଆମକୁ କିଡନୀ ଫେଲୁଅର ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ । ପାରିବାରିକ ଇତିହାସ ଓ ୬୦ ବର୍ଷରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ କିଡ୍‌ନୀ ଅକାମୀ ହେବାର ଆଶଙ୍କା ଅଧିକ ରହିଥାଏ । ଯେଉଁମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନ କରନ୍ତି ସେମାନଙ୍କଠାରେ କିଡନୀ ଅକାମୀ ହେବାର ବେଶି ଆଶଙ୍କା ରହିଥାଏ । ଯେଉଁମାନେ ହାଇପରଟେନସନ, ଷ୍ଟ୍ରୋକ ଆଦି ସମସ୍ୟାରେ ଜଡ଼ିତ ଅଛନ୍ତି, ସେମାନଙ୍କ କ୍ଷେତ୍ରରେ ଏହି ବିପଦ ଅଧିକ ରହିଥାଏ । ଏହାବ୍ୟତୀତ ଅତ୍ୟଧିକ ମାତ୍ରାରେ ମଦ୍ୟପାନ, ସ୍ମୋକିଂ ମଧ୍ୟ କିଡନୀ ଡ୍ୟାମେଜର ଅନ୍ୟତମ ପ୍ରମୁଖ କାରଣ । କିଡ୍‌ନୀ ଡ୍ୟାମେଜ ହେବା ପରେ ଧୀରେଧୀରେ ବାନ୍ତି ଆସିବା, ଥକ୍କାପଣ, ଭୋକ ନ ଲାଗିବା, ଦୁର୍ବଳତା, ନିଦ୍ରାହୀନତା, କମ୍ ପରିସ୍ରା, ପାଦ ଓ ଗୋଡ଼ ଫୁଲା, ଚର୍ମ ଶୁଷ୍କ ଓ କୁଣ୍ଡେଇ ହେବା ଆଦି ଲକ୍ଷଣ ସବୁ ଦେଖାଦେଇଥାଏ । ବ୍ରେନ, ହାର୍ଟ ବା ଲିଭର ଅକାମୀ ହେବା ତୁଳନାରେ କିଡନୀ ଡ୍ୟାମେଜ ରୋଗୀର ଜୀବନ ସହଜରେ ବଞ୍ଚାଯାଇ ପାରିବ । ଏଥିପାଇଁ ଡାୟଲିସିସ ବା ଟ୍ରାନ୍ସପ୍ଲାଣ୍ଟର ସାହାରା ନିଆଯାଇଥାଏ । ଯୁବ ବୟସର ରୋଗୀଙ୍କର ଟ୍ରାନ୍ସପ୍ଲାଣ୍ଟ ଓ ବୟସ୍କଙ୍କ କ୍ଷେତ୍ରରେ ଡାୟଲିସିସ କରାଯାଇ ଜୀବନ ବଞ୍ଚାଯାଇପାରେ ।

## ଶନିବାର ଏହି ଭୁଲ୍ କରୁଥିଲେ ; ସାବଧାନ

ସପ୍ତାହର ପ୍ରତ୍ୟେକ ବାର ଦେବାଦେବୀଙ୍କୁ ସମର୍ପିତ। ସେହି ଦିନ ଦେବୀଦେବତାଙ୍କୁ ବିଶେଷ ଭାବେ ପୂଜାର୍ଚ୍ଚନା କରିବା ଦ୍ୱାରା ଶୁଭଫଳ ପ୍ରାପ୍ତି ହୋଇଥାଏ। ଶନିବାର ଦିନ ନ୍ୟାୟର ଦେବତା



ଶନିଦେବଙ୍କ ଆରାଧନା କରାଯାଇଥାଏ। ଏହି ଦିନ ଶନିଦେବଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ବିଶେଷ କୃପା ପ୍ରାପ୍ତି ହୋଇଥାଏ। ମାନ୍ୟତା ଅନୁଯାୟୀ ଏହି ଦିନ ଏଭଳି କେତେକ ଜିନିଷ ରହିଛି, ଯାହାକୁ କିଣିବା ଦ୍ୱାରା ଶନିଦେବ ଅସନ୍ତୋଷ ହୋଇଥାଆନ୍ତ। ଜାଣନ୍ତୁ..ଶାସ୍ତ୍ର ଅନୁଯାୟୀ, ଶନିବାର ଦିନ ଲୁହା ଜିନିଷ ଆଦୌ କିଣିବା ଉଚିତ ନୁହେଁ। ଲୁହା କିମ୍ବା ଲୁହାରେ ତିଆରି ଜିନିଷ କିଣି ଘରକୁ ଆଣନ୍ତୁ ନାହିଁ। ଏହାଦ୍ୱାରା ଶନିଦେବ କ୍ରୋଧିତ ହୋଇଥାଆନ୍ତି।ଶନିବାର ଦିନ ଲୁଣ ମଧ୍ୟ କିଣିବା ଉଚିତ ନୁହେଁ। ମାନ୍ୟତା ଅନୁଯାୟୀ, ଶନିବାର ଦିନ ଲୁଣ କିଣିବା ଦ୍ୱାରା କରଜ ସମସ୍ୟା ଲାଗି ରହିଥାଏ। ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥାଏ। ତେଣୁ ଏହି ଦିନ ଲୁଣ କିଣନ୍ତୁ ନାହିଁ।ଶନିବାର ଦିନ କଳାରାଶି ମଧ୍ୟ କିଣନ୍ତୁ ନାହିଁ। ମାନ୍ୟତା ଅନୁଯାୟୀ ଏହି ଦିନ କଳାରାଶି କିଣିବା ଦ୍ୱାରା କାର୍ଯ୍ୟରେ ବାଧା ଲାଗି ରହିଥାଏ। ଏହି ଦିନ କଳାରାଶି ଓ ସୋରିଷ ତେଲରେ ଶନିଦେବଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ତେଣୁ ଏହି ଦିନ କଳାରାଶି କିଣିବା ଉଚିତ ନୁହେଁ।ଶନିବାର ଦିନ କଳାରଙ୍ଗର ଜୋତା କିଣନ୍ତୁ ନାହିଁ। ମାନ୍ୟତା ଅନୁଯାୟୀ, ଏହି ଦିନ କଳାରଙ୍ଗର ଜୋତା ପିନ୍ଧିବା ଓ କିଣିବା ଦ୍ୱାରା କାର୍ଯ୍ୟରେ ଅସଫଳତା ମିଳିଥାଏ।

## କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ନୂଆଦିଲ୍ଲୀ/ସମ୍ବଲପୁର/ଭୁବନେଶ୍ୱର, ୯।୧୦(କେଏନଏସ): ସମ୍ବଲପୁର ସଂସଦୀୟ କ୍ଷେତ୍ର ଏବଂ ଆଖପାଖ ଅଂଚଳର ଜାତୀୟ ରାଜପଥ ଭିତିଭୂମିର ବିକାଶ, ଯାତାୟାତକୁ ସୁଗମ କରିବା ତଥା ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ



ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖିଛନ୍ତି । ସମ୍ବଲପୁର ଓ ଏହାର ପାର୍ଶ୍ୱବର୍ତୀ ଅଂଚଳରେ ବୃଦ୍ଧି ପାଉଥିବା ଶିଳ୍ପ, ଖଣିଜ ଏବଂ ଆର୍ଥିକ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର-କଟକ ଏନଏଚ-୫୫ର ୬-ଲେନ୍ ସମ୍ପ୍ରସାରଣ ଓ ୪ଟି ଅଣ୍ଡରପାସ୍ ସହ ସମ୍ବଲପୁରରେ ଫ୍ଲାଇଓଭର ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି ।

ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି, ସମ୍ବଲପୁର-ଅନୁଗୋଳ-କଟକ କରିଡର ପଶ୍ଚିମ ଓଡ଼ିଶାକୁ ରାଜ୍ୟର ପ୍ରମୁଖ ଶିଳ୍ପ, ବାଣିଜ୍ୟିକ ଏବଂ ସହରାଂଚଳ ସହ ଯୋଡୁଥିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାଜପଥ । ଏଠାରେ ଯାତ୍ରୀବାହୀ, ମାଲବାହୀ ଓ ଶିଳ୍ପ ସମ୍ବନ୍ଧୀୟ ଯାନବାହନ ଚଳାଚଳ ବୃଦ୍ଧି ପାଉଥିବାରୁ ବର୍ତମାନର ୪-ଲେନ୍ ବିଶିଷ୍ଟ ରାଜପଥକୁ ୬-ଲେନ୍ କୁ ସମ୍ପ୍ରସାରିତ କରିବା ସହ ଉଭୟ ପାର୍ଶ୍ୱରେ ଦୁଇ-ଲେନ ବିଶିଷ୍ଟ ସର୍ଭିସ୍ ରୋଡ୍ ନିର୍ମାଣ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଯାତାୟାତ ସହଜ ହେବ ଏବଂ ଦୁର୍ଘଟଣା ହ୍ରାସ ପାଇବ ।

ଦ୍ୱିତୀୟତଃ ଏନଏଚ-୫୫ର ଅନୁଗୋଳ-ସମ୍ବଲପୁର ସେକ୍ସନ୍ ରେ ଖଣିଜ ଓ ବାଣିଜ୍ୟିକ ଯାନବାହନ ଚଳାଚଳ ହେତୁ ସ୍ଥାନୀୟ ଲୋକ ଓ ପଦଚାରୀଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି । ସଡ଼କ ସୁରକ୍ଷାକୁ ଆଖିଆଗରେ ରଖି ପିଆଇୟୁ ସମ୍ବଲପୁର ଦ୍ୱାରା ପ୍ରସ୍ତାବିତ ଜିନ୍ଦଲ ରୋଡ୍, ଜରପଡ଼ା, ଜେରାଙ୍ଗ ଏବଂ ଚାରମାଳ ଠାରେ ୪ଟି ଅଣ୍ଡରପାସ୍ ନିର୍ମାଣ ପାଇଁ ତୁରନ୍ତ ପ୍ରଶାସନିକ ଓ ଆର୍ଥିକ ମଞ୍ଜୁରୀ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି ।

ଏହାବ୍ୟତୀତ ଏନଏଚ- ୫୩ ସ୍ଥିତ ସମ୍ବଲପୁର ସିଟି ରେଳ ଷ୍ଟେସନ୍ ଛକରେ ପ୍ରତିଦିନ ଅନେକ ସଂଖ୍ୟକ ରେଳ ଯାତ୍ରୀ ଜାତୀୟ ରାଜପଥ ପାର ହେଉଛନ୍ତି, ଯାହାକି ଗମନାଗମନରେ ସମସ୍ୟା ସୃଷ୍ଟି କରିବା ସହ ଏହାକୁ ଏକ ସମ୍ଭାବ୍ୟ 'ବ୍ଲାକ୍ ସ୍ପଟ୍' ଭାବେ ଚିହ୍ନଟ କରାଯାଇଛି । ଏହି ସ୍ଥାନରେ ଲୋକଙ୍କ ନିରାପଦ ଯାତାୟାତ ପାଇଁ ଏକ ଫ୍ଲାଏଓଭର ନିର୍ମାଣ ପ୍ରସ୍ତାବକୁ ଶୀଘ୍ର ମଞ୍ଜୁରୀ ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି ।

ସଡ଼କ ପରିବହନ ମନ୍ତ୍ରଣାଳୟ ଏବଂ ଏନଏଚଏଆଇର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଏହି ପ୍ରସ୍ତାବଗୁଡ଼ିକୁ ପ୍ରାଥମିକତା ଆଧାରରେ କାର୍ଯ୍ୟକାରୀ କରାଗଲେ ଓଡ଼ିଶାର ଶିଳ୍ପ ଓ ଆର୍ଥିକ ବିକାଶ ଆହୁରି ଦ୍ରୁତଗାମୀ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକାଶ କରିଛନ୍ତି।

## ପ୍ରଥମ ଛଅ ମାସରେ ପୂର୍ବ ତଟ ରେଳପଥର
## ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ

ଭୁବନେଶ୍ୱର,୯।୧୦(କେଏନଏସ): :ପୂର୍ବ ତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ପଣ୍ୟ ବୋଝେଇ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପୂର୍ବ ତଟ ରେଳପଥ ୧୨୦.୭୬ ମିଲିୟନ ଟନ୍(ଏମ୍?ଟି) ପଣ୍ୟ ବୋଝେଇ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହା ୧୧୬.୭୮ ମିଲିୟନ ଟନ୍ ଥିବାବେଳେ, ଚଳିତ ବର୍ଷ ପଣ୍ୟ ବୋଝେଇରେ ୩.୪% ଅଭିବୃଦ୍ଧି ହାସଲ ହୋଇଛି।

ପୂର୍ବ ତଟ ରେଳପଥ ଦ୍ୱାରା ନିରନ୍ତର ଏବଂ ସମନ୍ୱିତ ପ୍ରଚେଷ୍ଟା, ଦକ୍ଷ ପଣ୍ୟ ପରିବହନ ପରିଚାଳନା ଏବଂ ପଣ୍ୟ ବୋଝେଇ କାର୍ଯ୍ୟର ନିରବଚ୍ଛିନ୍ନତା ସୁନିଶ୍ଚିତ କରିବା ଦ୍ୱାରା ଏହି ଅଭିବୃଦ୍ଧି ସମ୍ଭବ ହୋଇପାରିଛି। ପ୍ରଭାବଶାଳୀ ଯୋଜନା, ବିଭିନ୍ନ ହିତଧାରୀଙ୍କ ସହ ଘନିଷ୍ଠ ସମନ୍ୱୟ ଏବଂ ମଣ୍ଡଳଗୁଡ଼ିକରେ ପଣ୍ୟ ପରିବହନ କାର୍ଯ୍ୟର ସୁଦକ୍ଷ ପରିଚାଳନା ମାଧ୍ୟମରେ ପୂର୍ବତଟ ରେଳପଥ ପଣ୍ୟ ବୋଝେଇ ଓ ପରିବହନକୁ ସ୍ଥିର ରଖିବା ସହ ସାମଗ୍ରିକ ପଣ୍ୟ ପରିବହନ ପ୍ରଦର୍ଶନରେ ଅଭିବୃଦ୍ଧି ହାସଲ କରିଛି।

ତିନୋଟି ମଣ୍ଡଳ ମଧ୍ୟରୁ, ଖୋର୍ଦ୍ଧା ରୋଡ୍ ମଣ୍ଡଳ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ୮୭.୬୪ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ଗତବର୍ଷ ତୁଳନାରେ ୧.୭% ଅଭିବୃଦ୍ଧି ହାସଲ କରିଛି। ରାୟଗଡ଼ା ମଣ୍ଡଳ ୧୯.୯୭ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ୮.୮% ଅଭିବୃଦ୍ଧି ହାସଲ କରିଥିବାବେଳେ, ସମ୍ବଲପୁର ମଣ୍ଡଳ ୧୩.୧୫ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ୭.୩% ଅଭିବୃଦ୍ଧି ହାସଲ କରିଛି। ପୂର୍ବ ତଟ ରେଳପଥର ପଣ୍ୟ ବୋଝେଇରେ କୋଇଲା ପ୍ରମୁଖ ଯୋଗଦାନକାରୀ ଭାବେ ରହିଛି। ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ କୋଇଲା ବୋଝେଇ ୭୧.୦୧ ମିଲିୟନ ଟନ୍ ହୋଇଛି। ଗତବର୍ଷର ସମାନ ଅବଧିରେ ୬୮.୪୬ ମିଲିୟନ ଟନ୍ କୋଇଲା ବୋଝେଇ ହୋଇଥିବାବେଳେ, ଚଳିତ ବର୍ଷ ଏଥିରେ ୩.୭% ଅଭିବୃଦ୍ଧି ହୋଇଛି।

## ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପାଇଁ ଆଲୋଚନା

ଭୁବନେଶ୍ୱର,୯।୧୦(କେଏନଏସ): ରାଜ୍ୟରେ ଆଗାମୀ ପଂଚାୟତ ଓ ପୌର ନିର୍ବାଚନ-୨୦୨୭ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଆଜି ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆୟୋଗଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଅଛି।

ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ।

ବୈଠକରେ ଆଗାମୀ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ, ଅଦ୍ୟତନ ଓ ତ୍ରୁଟିଶୂନ୍ୟ କରିବା ସହ ଯୋଗ୍ୟ ଭୋଟରମାନଙ୍କ ନାମ ତାଲିକାରେ ସଠିକ ଭାବେ ସ୍ଥାନ ପାଇବା ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଂଚ କରାଯିବ।

ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଏହି ଘରକୁ ଘର ସର୍ଭେ ପ୍ରକ୍ରିୟାରେ ସକ୍ରିୟ ଭାବେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବିଶେଷକରି, ପ୍ରତ୍ୟେକ ରାଜନୈତିକ ଦଳ ନିଜର ବୁଥ୍ସ୍ତରୀୟ ଏଜେଂଟ (ବିଏଲଏ) ମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ର ଗୁଡିକରେ ନିୟୋଜିତ କରିବା ସହ ସର୍ଭେ ସମୟରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୋଗ ପକ୍ଷରୁ ଅନୁରୋଧ କରାଯାଇଛି। ସମସ୍ତ ରାଜନୈତିକ ଦଳମାନଙ୍କୁ ଅକ୍ଟୋବର ୧୫ ତାରିଖ ସୁଦ୍ଧା ବିଏଲଏ ଙ୍କ ତଥ୍ୟ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ( ଏଇଆରଓ ) ତଥା ଗ୍ରାମାଂଚଳ ପାଇଁ ବିଡିଓଙ୍କ ପାଖରେ ସହରାଂଚଳ( ଏନଏସି ଓ ମ୍ୟୁନିସିପାଲଟି ) ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମହାନଗର ନିଗମ ପାଇଁ ଡେପୁଟି କମିଶନର /ଆସିଷ୍ଟାଂଟ କମିଶନର ଙ୍କ ପାଖରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଇଛି ।

ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ପାଢ଼ୀ କହିଥିଲେ ଯେ, ସଠିକ୍ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ଏକ ସୁସ୍ଥ ଓ ସ୍ୱଚ୍ଛ ନିର୍ବାଚନ ବ୍ୟବସ୍ଥାର ମୂଳ ଆଧାର। ତେଣୁ ଭୋଟର ତାଲିକା ପ୍ରସ୍ତୁତିର ପ୍ରତ୍ୟେକ ପର୍ଯ୍ୟାୟରେ ସ୍ୱଚ୍ଛତା, ନିରପେକ୍ଷତା ଓ ସମସ୍ତଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯିବ। ରାଜନୈତିକ ଦଳଗୁଡ଼ିକର ସକ୍ରିୟ ସହଯୋଗ ଦ୍ୱାରା ଭୋଟର ତାଲିକାକୁ ଅଧିକ ବିଶ୍ୱସନୀୟ ଓ ତ୍ରୁଟିମୁକ୍ତ କରାଯାଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ବୈଠକରେ ଘରକୁ ଘର ସର୍ଭେ ସମୟରେ ଭୋଟରମାନଙ୍କ ସହଯୋଗ, ସର୍ଭେ ଦଳଙ୍କ ଦ୍ୱାରା ତଥ୍ୟ ସଂଗ୍ରହ, ଭୋଟର ତାଲିକାରେ ନାମ ଯୋଗ, ବାଦ୍ ଓ ସଂଶୋଧନ ଭଳି ବିଭିନ୍ନ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାରେ କୌଣସି ଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ବାଦ୍ ନ ପଡ଼େ ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ତାଲିକାରେ ଅନ୍ତର୍ଭୁକ୍ତ ନ ହୁଏ, ସେଥିପାଇଁ ସମସ୍ତ ସମ୍ପୃକ୍ତ ପକ୍ଷଙ୍କୁ ସଚେତନ ଓ ସହଯୋଗୀ ଭୂମିକା ଗ୍ରହଣ କରିବାକୁ ଆୟୋଗ ପକ୍ଷରୁ ଆହ୍ୱାନ କରାଯାଇଛି।

ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେବା ସହ ଘରକୁ ଘର ସର୍ଭେ ପ୍ରକ୍ରିୟାରେ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଆଶ୍ୱାସନା ଦେଇଥିଲେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସମଗ୍ର ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାକୁ ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ସୁଚାରୁ ଭାବେ ସମ୍ପାଦନ କରାଯିବ। ଏଥିସହ ସମସ୍ତ ରାଜନୈତିକ ଦଳ, ପ୍ରଶାସନ ଓ ସାଧାରଣ ଭୋଟରଙ୍କ ସମନ୍ୱିତ ସହଯୋଗରେ ସ୍ୱଚ୍ଛ, ସଠିକ୍, ସମାବେଶୀ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ରାଜ୍ୟ ନିର୍ବାଚନ ଆୟୋଗ କାର୍ଯ୍ୟ କରୁଛନ୍ତି।ଏହି ବୈଠକରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢୀଙ୍କ ସମେତ ,ଆୟୋଗର ସଚିବ ସନ୍ତୋଷ କୁମାର ଦାଶ ,ଉପ ସଚିବ ଦୁର୍ଗା ଚରଣ ମୁର୍ମୁ ଓ ସମସ୍ତ ରାଜନୈତିକ ଦଳର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ ।

## ବିଏମସି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର୯।୧୦(କେଏନଏସ): 'ମା' ପାଇଁ ଗଛଟିଏ' ନାରା ସହ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ବିଏମସିର ମିଆୱାକି ପଦ୍ଧତିରେ ବୃକ୍ଷ ରୋପଣ କରାଯାଇଛି । ଓୟୁଏଟି ର ୨.୫ ଏକର ଜମିରେ ୬ ହାଜର ବୃକ୍ଷ ରୋପଣ କରିଛି ବିଏମସି ।ପ୍ରକୃତିର ପ୍ରେରଣା , ସୁସ୍ଥ ଜଳବାୟୁ , ସବୁଜ ଭୁବନେଶ୍ୱର, ସୁରକ୍ଷିତ ଭବିଷ୍ୟତ' ଲକ୍ଷ୍ୟ ନେଇ ଏଇ ଅଭିଯାନ ଆରମ୍ଭ ହୋଇଛି। ପୂର୍ବରୁ ୧୦ ହାଜର ଗଛ ଲଗେଇଥିଲା ବିଏମସି । ବିଏମସିର ମିଆୱାକି ପଦ୍ଧତିରେ ୬୮ ହାଜର ରୁ ଉର୍ଦ୍ଧ ବୃକ୍ଷ ରୋପଣ କରାଯାଇଛି । ୧ ଲକ୍ଷ୍ୟ ବୃକ୍ଷରୋପଣ କରାଯିବ । ଜଙ୍ଗଲ ସୃଷ୍ଟି କରିବା ମୂଳ ଲକ୍ଷ୍ୟ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ଦିନକୁ ଦିନ ଭୁବନେଶ୍ୱର ଗଛ ସଂଖ୍ୟା ହ୍ରାସ ପାଉଥିବାରୁ , ଗଛ ବୃଦ୍ଧିବା ପାଇଁ ପଦକ୍ଷେପ ନେଇଛି ବିଏମସି।

## ବିଜେଡି ଓ ଇଣ୍ଡି ମେଂଟର ମଧୁଚନ୍ଦ୍ରିକା ବହୁ ପୁରୁଣା - ବିଜେପି

ଭୁବନେଶ୍ୱର,୯।୧୦(କେଏନଏସ): : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶରେ ୧୨ ବର୍ଷର ସୁଶାସନ ଏବଂ ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ସରକାରଙ୍କ ଅଢ଼େଇ ବର୍ଷର ଲୋକାଭିମୁଖୀ ଶାସନ ଯୋଗୁଁ ଆଜି ବିରୋଧୀ ଦଳ ସମ୍ପୂର୍ଣ୍ଣ ମୁଦ୍ଦାହୀନ ହୋଇପଡ଼ିଛନ୍ତି। ଜନସାଧାରଣ ବିଜେପି ଉପରେ ଅତୁଟ ବିଶ୍ୱାସ ଓ ଆସ୍ଥା ପ୍ରକଟ କରିଥିବା ବେଳେ ବିରୋଧୀମାନେ ଅପ୍ରସଙ୍ଗକୁ ପ୍ରସଙ୍ଗ କରି କେବଳ ନାଟକବାଜି କରୁଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ଏକ ପ୍ରେସ ବିବୃତିରେ କହିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିଜୁ ଜନତା ଦଳ (ବିଜେଡି)ର କଥା ଓ କାର୍ଯ୍ୟରେ ସର୍ବଦା ଆକାଶ-ପାତାଳ ଫରକ ରହିଛି। ବିଜେଡି ଏବଂ 'ଇଣ୍ଡି' ମେଂଟର ସମ୍ପର୍କ କିଛି ନୂଆ ନୁହେଁ, ଏମାନଙ୍କ ଭିତରେ ବହୁ ପୂର୍ବରୁ ଗୁପ୍ତ ମଧୁଚନ୍ଦ୍ରିକା ଚାଲିଆସୁଥିଲା। ଏପରିକି 'ଇଣ୍ଡି' ମେଂଟ ବୈଠକରେ ମଧ୍ୟ ବିଜେଡିର ସଂସଦୀୟ ଦଳ ନେତା ଯୋଗ ଦେଇଥିବାର ପ୍ରମାଣ ରହିଛି। ଆଜି ବିଜେଡି ରାଜନୀତିରେ ଏକ 'ନିର୍ମୂଳୀ ଲତା'ରେ ପରିଣତ ହୋଇସାରିଛି। ନିଜର ଅସ୍ତିତ୍ୱ ବଚାଂଇବା ପାଇଁ ଏବଂ ରାଜନୈତିକ ସାହାରା ପାଇବାକୁ ଯାଇ କେତେବେଳେ 'ସିଜେପି' ତ କେତେବେଳେ 'ଇଣ୍ଡି' ମେଂଟ ପଛରେ ଗୋଡ଼ାଉଛି। ଲୋକସଭା ଓ ରାଜ୍ୟସଭାରେ ନିଜର ପ୍ରାସଙ୍ଗିକତା ହରାଇବା ପରେ ଓଡ଼ିଶାର ସ୍ୱାର୍ଥର ଦ୍ୱାହି ଦେବା ହେଉଛି କେବଳ 'ଚୋର ମୁହଁ ଟାଣ' ସଦୃଶ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ଓ ଇସ୍ତଫା ଦାବି କରୁଥିବା କଂଗ୍ରେସର ଦୋମୁହାଁ ନୀତି ଉପରେ ଶ୍ରୀ ତ୍ରିପାଠୀ କହିଛି ଯେ, ନିର୍ବାଚନ ଆୟୋଗଙ୍କ ଉପରେ ପ୍ରଶ୍ନ ଉଠାଉଥିବା କଂଗ୍ରେସ ନିଜ କଳା ଇତିହାସକୁ ମନେ ପକାଉ। ଦେଶରେ ଆଜି ପର୍ଯ୍ୟନ୍ତ ୧୦ ଥର ଏସ୍ଆଇଆର୍ ହୋଇଥିବା ବେଳେ ସେଥିମଧ୍ୟରୁ ୯ ଥର କେବଳ କଂଗ୍ରେସ ଶାସନ କାଳରେ ହୋଇଛି।

## ମୋଦିଜୀଙ୍କ ନେତୃତ୍ୱରେ ବିକଶିତ ଭାରତର ସ୍ୱପ୍ନ ସାକାର ହେବ : ମନମୋହନ

ଭୁବନେଶ୍ୱର୯।୧୦(କେଏନଏସ): ରାଷ୍ଟ୍ର ନିର୍ମାଣ ଯାତ୍ରାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାଠାରୁ ଆରମ୍ଭ କରି ଦେଶର ପ୍ରଧାନମନ୍ତ୍ରୀ ଭାବେ ଜନସେବା କରିବା ପର୍ଯ୍ୟନ୍ତ - ଶାସନ ମୁଖ୍ୟ ଭାବେ ତାଙ୍କର ୨୫ ବର୍ଷର ସଫଳ ଓ ନିରବଚ୍ଛିନ୍ନ ଯାତ୍ରା ଭାରତର ବିକାଶ ଇତିହାସରେ ଏକ ନୂତନ ଯୁଗର ସୂତ୍ରପାତ କରିଛି। ଏହି ଐତିହାସିକ ମୁହୂର୍ତ ଅବସରରେ ଆୟୋଜିତ 'ବିକଶିତ ଭାରତ ସଂକଳ୍ପ ସଭା' ଏବଂ 'ସେବା ଜ୍ୟୋତି ଯାତ୍ରା' ଭାରତର ସାମର୍ଥ୍ୟ, ଗରୀବ କଲ୍ୟାଣ ଏବଂ ଜନ-ସେବାର ଭାବନାକୁ ଆହୁରି ସୁଦୃଢ଼ କରିଛି। ଏହି ବିଶେଷ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନମୂଳକ ଓ ପ୍ରେରଣାଦାୟୀ ଅଭିଭାଷଣ ସମଗ୍ର ଦେଶବାସୀଙ୍କ ମନରେ 'ବିକଶିତ ଭାରତ ୨୦୪୭' ସଂକଳ୍ପକୁ ପୂରଣ କରିବା ପାଇଁ ନୂତନ ଉତ୍ସାହ ଓ ଶକ୍ତି ଭରିଦେଇଛି ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ଓ ଜନସେବାର ସଫଳ ୨୫ ବର୍ଷ ପୂର୍ତ୍ତି ଅବସରରେ ଆଜି ଓଡ଼ିଶାରେ ୩୦ ଟି ରାଜସ୍ୱ ଜିଲ୍ଲା ସହ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଲୋକଙ୍କ ସହ କଥା ହୋଇଛନ୍ତି ମୋଦିଜୀ । ଭୁବନେଶ୍ୱରର କାଟିଗୋ ପଡିଆଠାରେ ଅନୁଷ୍ଠିତ ''ବିକଶିତ ଭାରତ ସଂକଳ୍ପ ସଭା''ରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ବିଗତ ୨୫ ବର୍ଷମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଶାସନର ମୂଳମନ୍ତ୍ର ରହିଛି 'ସେବା, ସୁଶାସନ ଏବଂ ଗରୀବ କଲ୍ୟାଣ'। ତାଙ୍କ ନେତୃତ୍ୱରେ ଦେଶର ଶେଷ ସୀମାରେ ଛିଡ଼ା ହୋଇଥିବା ବ୍ୟକ୍ତିଙ୍କ ପାଖରେ ମଧ୍ୟ ବିକାଶର ସୁଫଳ ପହଂଚିପାରିଛି। ଅନ୍ତ୍ୟୋଦୟରୁ ବିକଶିତ ଭାରତ ଗଠନ ପାଇଁ ମୋଦିଜୀଙ୍କ ପ୍ରତିବଦ୍ଧତା ନିଶ୍ଚିତ ଭାବେ ସଫଳ ହେବ ।ତାଙ୍କର ନିରନ୍ତର ମାର୍ଗଦର୍ଶନରେ ଭାରତ ବିକାଶର ନୂତନ ଶିଖର ଛୁଇଁବ ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ନିଶ୍ଚିତ ଭାବେ ସାକାର ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଭାରତର ଜଣେ ନାଗରିକ ଭାବେ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଆମେ ସମସ୍ତେ ନିଜ ନିଜର ଶକ୍ତି, ପ୍ରତିଭା ଏବଂ



ସଂକଳ୍ପକୁ ଉତ୍ସର୍ଗ କରିବା ପାଇଁ ଉପସ୍ଥିତ ନେତୃବୃନ୍ଦ, ବୁଦ୍ଧିଜୀବି, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ଜନସାଧାରଣ ସଂକଳ୍ପ ନେଇଥିଲେ ।

ଏହି ଅବସରରେ ଅନୁଷ୍ଠିତ ସେବା ଜ୍ୟୋତି ଯାତ୍ରାରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ସହ ପୋଖରୀପୁଟ ଡିଏଭି ସ୍କୁଲ ନିକଟସ୍ଥ ଛକରେ ସେବା ଜ୍ୟୋତି ସ୍ଥାପନା କରିଥିଲେ । 'ସେବା ଜ୍ୟୋତି ଯାତ୍ରା' ଏବଂ 'ବିକଶିତ ଭାରତ ସଂକଳ୍ପ ସଭା'ର ସ୍ମାରକୀ ସ୍ୱରୂପ 'ସେବା ଜ୍ୟୋତି ଛକ' ସ୍ଥାପନ କରାଯାଇଛି। ଏହି ଛକକୁ ଆଜିଠାରୁ ସେବା ଜ୍ୟୋତି ଛକ ଭାବେ ନାମିତ କରାଗଲା ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।

ସେହିପରି ଐତିହାସିକ, ବୀରତ୍ୱ ଓ ମହାନ ସ୍ୱାଭିମାନର ମାଟି ଖୋର୍ଦ୍ଧାରେ ଆଜି ଆୟୋଜିତ 'ସେବା ଜ୍ୟୋତି ଯାତ୍ରା' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅବିଚଳିତ ସେବା ମନୋଭାବ, ଦୂରଦର୍ଶୀ ନେତୃତ୍ୱ ଏବଂ ଦେଶମାତୃକା ପ୍ରତି ଅସୀମ ସମର୍ପଣ ଭାବକୁ ଗଭୀର ସମ୍ମାନ ଓ କୃତଜ୍ଞତା ଜଣାଇଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ ଯେ, ଠିକ୍ ୨୫ ବର୍ଷ ତଳେ ଅର୍ଥାତ୍ ୭ ଅକ୍ଟୋବର ୨୦୦୧ରେ ଗୁଜୁରାଟରେ ମୁଖ୍ୟମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀଜୀ ଶପଥ ଗ୍ରହଣ କରି ଶାସନ ମୁଖ୍ୟ ଭାବେ ଦେଶସେବାର ସଂକଳ୍ପ ନେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଜୀ ନିଜକୁ ଶାସକ ନୁହେଁ, ବରଂ ୧୪୦ କୋଟି ଜନସାଧାରଣଙ୍କ 'ପ୍ରଧାନ ସେବକ' ଭାବେ ସମର୍ପିତ କରିଛନ୍ତି। ପ୍ରଥମ ୧୩ ବର୍ଷ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଏବଂ ଗତ ୧୨ ବର୍ଷ ଧରି ପ୍ରଧାନମନ୍ତ୍ରୀ ଭାବେ ନିରବଚ୍ଛିନ୍ନ ସେବା ମାଧ୍ୟମରେ ସେ ଭାରତକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ନିର୍ଭୀକ ରାଷ୍ଟ୍ରରେ ପରିଣତ କରିଛନ୍ତି। ଗତ ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ଏକ ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ'ରେ ଓଡ଼ିଶାବାସୀ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇଛନ୍ତି। 'ଆଶୀର୍ବାଦ କି ଦିୟା' କାର୍ଯ୍ୟକ୍ରମରେ ରାଜ୍ୟବାସୀ ୧ କୋଟି ଦୀପ ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କ ଶୁଭକାମନା କରିଥିଲେ।

ସାଂସଦ ଭର୍ତୃହରି ମହତାବ ଓ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି କଟକଠାରେ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି.ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଓ ସାଂସଦ ଶ୍ରୀମତୀ ସଙ୍ଗୀତା ସିଂହଦେଓ ବଲାଙ୍ଗୀରରେ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଓ ସାଂସଦ ଡା.ସମ୍ବିତ ପାତ୍ର ପୁରୀରେ; କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ସୁନ୍ଦରଗଡରେ; ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଝାରସୁଗୁଡାରେ; ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଓ ସାଂସଦ ଡ.ବିଭୁପ୍ରସାଦ ତରାଇ ଜଗତସିଂହପୁରେ; ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡାରେ; ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ ଓ ସାଂସଦ ରବିନାରାୟଣ ବେହେରା ଯାଜପୁରରେ; ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ଇଂ.ଗଣେଷ ରାମ ସିଂହ ଖୁଂଟିଆ ଓ ସାଂସଦ ନବଚରଣ ମାଝୀ ମୟୁରଭଂଜରେ; ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ ଭଦ୍ରକରେ; ମନ୍ତ୍ରୀ ରବି ନାଏକ ସମ୍ବଲପୁରରେ; ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁରରେ; ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ସାଂସଦ ଶ୍ରୀମତୀ ଅନୀତା ଶୁଭଦର୍ଶିନୀ ବ୍ରହ୍ମପୁରରେ; ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳରେ; ସାଂସଦ ଅନନ୍ତ ନାୟକ କେନ୍ଦୁଝରରେ; ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶ୍ରୀ ରୁଦ୍ରନାରାୟଣ ପାଣି ଅନୁଗୋଳରେ; ସାଂସଦ ଶ୍ରୀମତୀ ମାଳବିକା ଦେବୀ କଳାହାଣ୍ଡିରେ; ସାଂସଦ ଶ୍ରୀ ବଳଭଦ୍ର ମାଝୀ ମାଲକାନଗିରିରେ; ସାଂସଦ ସୁଜିତ୍ କୁମାର କୋରାପୁଟରେ; ସାଂସଦ ସୁକାନ୍ତ ପାଣିଗ୍ରାହୀ କନ୍ଧମାଳରେ; ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ବରଗଡରେ; ସାଂସଦ ଦେବାଶିଷ ସାମନ୍ତରାୟ ନୟାଗଡରେ, ସାଂସଦ ଶ୍ରୀ ପତାପ ଷଡଙ୍ଗୀ ବାଲେଶ୍ୱରରେ, ଶାସକ ଦଳ ମୁଖ୍ୟ ସଚେତକ ଶ୍ରୀ ସରୋଜ ପ୍ରଧାନ ବୌଦ୍ଧରେ; ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ଗଜପତିରେ ଅନୁଷ୍ଠିତ 'ବିକଶିତ ଭାରତ ସଂକଳ୍ପ ସଭା' ଏବଂ 'ସେବା ଜ୍ୟୋତି ଯାତ୍ରା'ରେ ଯୋଗ ଦେଇଥିଲେ ।

## ସ୍ୱଚ୍ଛତା ହିଁ ସେବା: ଖାରବେଳ ଭବନରେ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଶ୍ରମଦାନ

ଭୁବନେଶ୍ୱର, ୯।୧୦(କେଏନଏସ): ସ୍ୱଚ୍ଛତା, ପରିମଳ ଓ ସାମୂହିକ ଦାୟିତ୍ୱବୋଧ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରି ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଖାରବେଳ ଭବନରେ 'ସ୍ୱଚ୍ଛତା ହିଁ ସେବା' ୨୦୨୬ ଅଭିଯାନର ଅଂଶବିଶେଷ ଭାବେ ଏକ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଓ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

'ଏକ ଦିନ, ଏକ ଘଂଟା, ଏକ ସାଥ୍' ପଦକ୍ଷେପ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାରବେଳ ଭବନରେ କାର୍ଯ୍ୟରତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ । ଅଂଶଗ୍ରହଣକାରୀମାନେ ସ୍ୱେଚ୍ଛାକୃତ ଭାବେ ନିଜର ସମୟ ଓ ଶ୍ରମ ପ୍ରଦାନ କରି କାର୍ଯ୍ୟାଳୟ ପରିସର, ସାଧାରଣ ବ୍ୟବହାର ସ୍ଥାନ ଏବଂ ଏହାର ଆଖପାଖ ଅଂଚଳକୁ ସ୍ୱଚ୍ଛ କରିଥିଲେ ।

ସ୍ୱଚ୍ଛତା କେବଳ ସ୍ୱତନ୍ତ୍ର ଅଭିଯାନ କିମ୍ବା ସଫେଇ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନରହି ଏହା ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହେବା ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତା ଦିଆଯାଇଥିଲା । କାର୍ଯ୍ୟକ୍ରମ ଅବସରରେ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ଶପଥ ଗ୍ରହଣ କରିବା ସହ ନିଜ ଚାରିପାଖର ପରିବେଶକୁ ସ୍ୱଚ୍ଛ ଓ ପରିମଳମୟ ରଖିବା ଏବଂ ଦୈନନ୍ଦିନ ଜୀବନରେ ଦାୟିତ୍ୱଶୀଳ ପରିମଳ ଅଭ୍ୟାସ ଆପଣାଇବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

ଏହି ସାମୂହିକ ଅଂଶଗ୍ରହଣ 'ସମଗ୍ର ସରକାର' ଭାବନାକୁ ପ୍ରତିଫଳିତ କରିବା ସହ ସ୍ୱଚ୍ଛତା ବଜାୟ ରଖିବା ଏକ ସାମୂହିକ ଦାୟିତ୍ୱ ବୋଲି ବାର୍ତା ଦେଇଥିଲା । ନିୟମିତ ପ୍ରୟାସ, ଦାୟିତ୍ୱଶୀଳ ଆଚରଣ ଏବଂ ସମାଜର ସମସ୍ତ ବର୍ଗର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ହିଁ ନିରନ୍ତର ସ୍ୱଚ୍ଛତା ବଜାୟ ରଖାଯାଇପାରିବ ।

୨୦୨୬ ମସିହାର 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳନ କରାଯାଉଛି। ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ସହ ଦେଶବ୍ୟାପୀ ଏକ ସ୍ଥାୟୀ ସ୍ୱଚ୍ଛତା ସଂସ୍କୃତି ଗଠନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।ଖାରବେଳ ଭବନରେ ଆୟୋଜିତ ଏହି ଶ୍ରମଦାନ କାର୍ଯ୍ୟକ୍ରମ ମାଧ୍ୟମରେ ଅଂଶଗ୍ରହଣକାରୀ ଅଧିକାରୀ ଓ କର୍ମଚାରୀମାନେ ଅଭିଯାନ ଅବଧି ପରେ ମଧ୍ୟ ସ୍ୱଚ୍ଛତାର ବାର୍ତାକୁ ଆଗକୁ ନେବା ସହ ସ୍ୱଚ୍ଛ, ସୁସ୍ଥ ଓ ଅଧିକ ସ୍ଥାୟୀ କାର୍ଯ୍ୟସ୍ଥଳ ଏବଂ ସମୁଦାୟ ଗଠନରେ ନିଜର ଅବଦାନ ଜାରି ରଖିବା ପାଇଁ ସାମୂହିକ ସଂକଳ୍ପ ପ୍ରକାଶ କରିଥିଲେ ।

## ପୂଜା ପେଣ୍ଡାଲ ଗୁଡିକରେ ସିସିଟିଭି ଲଗାଇବାକୁ ଡିସିପିଙ୍କ ପରାମର୍ଶ

ଭୁବନେଶ୍ୱର, ୯।୧୦(କେଏନଏସ): ପୂଜା ପେଣ୍ଡାଲ ଗୁଡିକରେ ସିସିଟିଭି ଲଗାଇବାକୁ ଭୁବନେଶ୍ୱର ଡିସିପି ଭୁବନେଶ୍ୱର ଡିସିପି ସର୍ବଣା ବିବେକ ଏମ୍ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରରେ ୧୯୫ଟି ପେଣ୍ଡାଲକୁ ୩ଟି କ୍ୟାଟେଗୋରୀରେ ଭାଗ କରିଛୁ। ଗହଳିକୁ ଦେଖି କ୍ୟାଟେଗୋରୀ ଏ,ବି ଓ ସି ୩ଟି ବର୍ଗରେ ଭାଗ କରିଛୁ। ସୁରକ୍ଷା ପାଇଁ ସମସ୍ତ ପେଣ୍ଡାଲରେ ସିସିଟିଭି ଲଗାଇବାକୁ କହିଛୁ। ସମସ୍ତେ ପେଣ୍ଡାଲରେ ସିସିଟିଭି ଲଗାଇବେ ବୋଲି ସହମତ ହୋଇଛନ୍ତି। ଲୁଟ୍ ପରି ବିଭିନ୍ନ ଅପରାଧ ରୋକିବାକୁ ସିଭିଲ୍ ଡ୍ରେସ୍ ରେ ପୋଲିସ ମଧ୍ୟ ପୂଜା ପେଣ୍ଡାଲରେ ଉପସ୍ଥିତ ରହିବେ। ଯେଉଁଠି ଅଧିକ ଭିଡ଼, ସେଠି ଅଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ବିଭିନ୍ନ ସ୍ଥାନରେ ମହିଳା ପୋଲିସ ମଧ୍ୟ ମୁତୟନ ରହିବେ।

## ସୁନ୍ଦରଗଡ଼ରେ ବିଜେଡିର ବିଶାଳ ପ୍ରତିବାଦ

ଭୁବନେଶ୍ୱର,୯।୧୦(କେଏନଏସ): ଏମ୍ଏମଡିଆର ସଂଶୋଧନ ଆଇନକୁ ବିରୋଧ କରିବା ସହ ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ଓ ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବାର ପ୍ରୟାସ ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ଆଜି ସୁନ୍ଦରଗଡ଼ରେ ଏକ ବିଶାଳ ପ୍ରତିବାଦ ପ୍ରଦର୍ଶନ ଓ ଆର୍ଥିକ ଅବରୋଧ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ବିଜେଡି ନେତା ଓ କର୍ମୀମାନେ ଭାରତରତ୍ନ ଡ. ବି. ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଏକ ବିଶାଳ ରାଲି ଆୟୋଜିତ ହୋଇ ବସୁନ୍ଧରା ଦୁର୍ଗା ମଣ୍ଡପ ସମ୍ମୁଖସ୍ଥ ପଡ଼ିଆରେ ପହଞ୍ଚିଥିଲା, ଯେଉଁଠାରେ ସୁନ୍ଦରଗଡ଼ ବିଧାୟକ ତଥା ଜିଲ୍ଲା ସଭାପତି ଯୋଗେଶ ସିଂହଙ୍କ ନେତୃତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ରାଲି ଓ ସାଧାରଣ ସଭାରେ ପ୍ରାୟ ୩,୦୦୦ରୁ ୪,୦୦୦ ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ ।

ସୁନ୍ଦରଗଡ ଏକ ଖଣି ସମୃଦ୍ଧ ଜିଲ୍ଲା ଏବଂ ଏଠାରେ ବହୁ ସଂଖ୍ୟକ ଆଦିବାସୀ ବସବାସ କରନ୍ତି । ପ୍ରାକୃତିକ ସମ୍ପଦର ସ୍ଥାୟୀ ଓ ସୁଚିନ୍ତିତ ପରିଚାଳନାରେ ଏହି ଜିଲ୍ଲାର ସିଧାସଳଖ ସ୍ୱାର୍ଥ ରହିଛି । ଓଡ଼ିଶାର ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ଖଣି ପ୍ରଭାବିତ ଅଞ୍ଚଳର ବିକାଶରେ ଯଥେଷ୍ଟ ଭାବେ ବ୍ୟୟ କରାଯିବା ଉଚିତ । କାରଣ ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡ଼କ, ଜଳସେଚନ, ପାନୀୟ ଜଳ, ନିଯୁକ୍ତି, ପରିବେଶ ପୁନରୁଦ୍ଧାର, ଥଇଥାନ ଏବଂ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ । ଖଣିଜ ସମ୍ପଦ ଥିବା ରାଜ୍ୟଗୁଡ଼ିକର ଆର୍ଥିକ କ୍ଷମତାକୁ ସୀମିତ କରିପାରୁଥିବା ବ୍ୟବସ୍ଥା ଗୁଡ଼ିକର ସମୀକ୍ଷା କରାଯିବା ସହ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱକୁ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ସୁରକ୍ଷିତ ରଖାଯିବା ଉଚିତ । ଓଡ଼ିଶାର ଖଣିଜ ସମ୍ପଦ ଜାତୀୟ ସମ୍ପଦ ହୋଇଥିଲେ ମଧ୍ୟ ଏହି ସମ୍ପଦରୁ ମିଳୁଥିବା ଲାଭ ଓଡ଼ିଶାବାସୀଙ୍କୁ ମିଳିବା ଆବଶ୍ୟକ ।

ବିଜେଡି ନେତାମାନେ ଏମ୍ଏମ୍ଡିଆର ଖଣିଜ ଅଧିକାର ଓ ଖଣିଜ ବହୁଳ ଜମି ସମ୍ପର୍କରେ ରାଜ୍ୟ ସରକାରଙ୍କ ଟିକସ, ସେସ୍ ଏବଂ ଅନ୍ୟାନ୍ୟ ବୈଧ ଶୁଳ୍କ ଆଦାୟ କରିବାର କ୍ଷମତାକୁ ସୀମିତ କରିବାକୁ ଉଦ୍ଦିଷ୍ଟ ବ୍ୟବସ୍ଥାଗୁଡ଼ିକୁ ଦଳ ଦୃଢ଼ ବିରୋଧ କରିଥିଲା ।

ପ୍ରତିବାଦର ଅଂଶ ଭାବେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ପ୍ରମୁଖ ଖଣି ଓ ଶିଳ୍ପ ଅଞ୍ଚଳରେ ଆର୍ଥିକ ଅବରୋଧ କରାଯାଇଥିଲା । ଏଥିରେ ରାଜଗାଙ୍ଗପୁର, ଏନ୍ଟିପିସି ଦର୍ଲିପାଲି, ଓସିପିଏଲ କୋଇଲା ଖଣି, ଏନ୍ଟିପିସି କୋଇଲା ଖଣି, ଜାମକାନି କୋଇଲା ଖଣି, ବସୁନ୍ଧରା, ଗର୍ଜନବାହାଲ, ସିଆରମାଲ ଏବଂ କୁଲ୍ଡା କୋଇଲା ଖଣି ସମେତ ବିଭିନ୍ନ ସ୍ଥାନ ରହିଥିଲା । ଏମ୍ଏମ୍ଡିଆର ସଂଶୋଧନ ବିରୋଧରେ ବିଜେଡିର ଦୃଢ଼ ପ୍ରତିବାଦ ଦର୍ଶାଇବା ସହ ଓଡ଼ିଶାର ଖଣିଜ ସମ୍ପଦର ନିୟନ୍ତ୍ରଣ ଓ ବ୍ୟବହାର ସମ୍ପର୍କରେ ରାଜ୍ୟବାସୀଙ୍କ ଚିନ୍ତାକୁ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଏହି ଅବରୋଧ ଆୟୋଜନ କରାଯାଇଥିଲା ।ବିଜେଡି ନେତାମାନେ କହିଥିଲେ ଯେ ଏମ୍ଏମ୍ଡିଆର ସଂଶୋଧନ ଆଇନର ଯେଉଁ ବ୍ୟବସ୍ଥାଗୁଡ଼ିକ ଖଣିଜ ଉତ୍ପାଦନକାରୀ ରାଜ୍ୟଗୁଡ଼ିକର ସାମ୍ବିଧାନିକ ଓ ଆର୍ଥିକ ଅଧିକାରକୁ ଦୁର୍ବଳ କରୁଛି ବୋଲି ଦଳ ମନେ କରୁଛି, ସେଗୁଡ଼ିକ ବିରୋଧରେ ବିଜେଡି ତାହାର ଗଣତାନ୍ତ୍ରିକ ଆନ୍ଦୋଳନ ଜାରି ରଖିବ ।

## ପାର୍ବଣ ଋତୁ ପାଇଁ ଚାଲିବ ସିଆଲଦାହ ଏବଂ ଖୋର୍ଦ୍ଧା ରୋଡ୍ ମଧ୍ୟରେ ପୂଜା ସ୍ପେଶାଲ୍ ଟ୍ରେନ

ଭୁବନେଶ୍ୱର,୯।୧୦(କେଏନଏସ): ଆଗାମୀ ଦୁର୍ଗାପୂଜା ଓ ଦୀପାବଳି ପାର୍ବଣ ଋତୁରେ ଯାତ୍ରୀ ଭିଡ଼ ବୃଦ୍ଧି ପାଇବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ସହ ଅତିରିକ୍ତ ଯାତ୍ରୀ ଭିଡ଼ ହ୍ରାସ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ରୁଟ୍ ଗୁଡ଼ିକରେ ଅତିରିକ୍ତ ପୂଜା ସ୍ପେଶାଲ୍ ଟ୍ରେନ ଚଳାଚଳ କରାଯିବ।

ଟ୍ରେନ ନମ୍ବର ୦୩୧୦୧ ସିଆଲଦାହ—ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ପ୍ରତ୍ୟେକ ଶନିବାର ଅକ୍ଟୋବର ୧୭, ୨୪ ଓ ୩୧ ଏବଂ ନଭେମ୍ବର ୦୭, ୧୪, ୨୧ ଓ ୨୮ରେ ଚଳାଚଳ କରିବ। ଫେରିବା ମାର୍ଗରେ ଟ୍ରେନ୍ ନମ୍ବର ୦୩୧୦୨ ଖୋର୍ଦ୍ଧା ରୋଡ୍—ସିଆଲଦାହ ସ୍ପେଶାଲ୍ ପ୍ରତ୍ୟେକ ରବିବାର ଅକ୍ଟୋବର ୧୮ ଓ ୨୫, ଏବଂ ନଭେମ୍ବର ୦୧, ୦୮, ୧୫, ୨୨ ଓ ୨୯ରେ ଚଳାଚଳ କରିବ ।ଟ୍ରେନ୍ ନମ୍ବର ୦୩୧୦୧ ସିଆଲଦାହ—ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ସିଆଲଦାହରୁ ରାତି ୧୧:୫୦ ରେ ଛାଡ଼ି ପରଦିନ ସକାଳ ୦୮:୨୦ ରେ ଖୋର୍ଦ୍ଧା ରୋଡ୍ ରେ ପହଂଚିବ। ଫେରିବା ମାର୍ଗରେ ଟ୍ରେନ୍ ନମ୍ବର ୦୩୧୦୨ ଖୋର୍ଦ୍ଧା ରୋଡ୍—ସିଆଲଦାହ ସ୍ପେଶାଲ୍ ଖୋର୍ଦ୍ଧା ରୋଡ୍ ରୁ ଅପରାହ୍ନ ୦୪:୪୦ ରେ ଛାଡ଼ି ପରଦିନ ରାତି ୦୨:୦୦ ରେ ସିଆଲଦାହରେ ପହଂଚିବ।

ଏହି ସ୍ପେଶାଲ୍ ଟ୍ରେନ୍ ର ସିଆଲଦାହ ଓ ଖୋର୍ଦ୍ଧା ରୋଡ୍ ଷ୍ଟେସନ ବ୍ୟତୀତ ଆନ୍ଦୁଲ, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, କଟକ ଓ ଭୁବନେଶ୍ୱର ଷ୍ଟେସନରେ ଉଭୟ ଦିଗରେ ରହଣି କରିବ।

## ଆଇଟିଇଆର୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗ୍ରାଜୁଏସନ୍ ଦିବସ ୨୦୨୬ ଆୟୋଜିତ

ଭୁବନେଶ୍ୱର୯।୧୦(କେଏନଏସ): : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ବିଭିନ୍ନ ବିଭାଗରେ ୨୦୨୬ରେ ଶିକ୍ଷା ସମାପ୍ତ କରିଥିବା ବି.ଟେକ୍, ଏମ୍.ଟେକ୍, ବିସିଏ, ଏମ୍ସିଏ ଏବଂ ଏମ୍ଏସ୍ସି ପାଠ୍ୟକ୍ରମର ଛାତ୍ରଛାତ୍ରୀ ମାନଙ୍କୁ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଗ୍ରାଜୁଏସନ୍ ଦିବସ ୨୦୨୬ ଅବସରରେ ଡିଗ୍ରୀ ପ୍ରଦାନ କରାଯାଇଛି।

ସୋମବାର ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ପ୍ରଥମ ଦିନ ଆଇଟିଇଆରର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସିଏସ୍ଇ) ବିଭାଗର ୨୦୨୨-୨୬ ଶିକ୍ଷା ବର୍ଷର ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ସିଭିଲ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇନ୍ଫର୍ମେସନ୍ ଟେକ୍ନୋଲଜି, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ, ମେକାନିକାଲ୍ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଡାଟା ସାଇନ୍ସ), କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସାଇବର ସିକ୍ୟୁରିଟି), କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଆର୍ଟିଫିସିଆଲ୍ ଇନ୍ଟେଲିଜେନ୍ସ ଆଣ୍ଡ ମେସିନ୍ ଲର୍ଣ୍ଣିଂ) ଓ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଇନ୍ଟରନେଟ ଅଫ୍ ଥିଙ୍ଗ୍ସ) ।ସେହିପରି ସ୍ନାତକୋତ୍ତର ପାଠ୍ୟକ୍ରମରେ ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ଷ୍ଟ୍ରକ୍ଚରାଲ ଇଞ୍ଜିନିୟରିଂ, ପାୱାର ସିଷ୍ଟମ୍ସ ଆଣ୍ଡ ପାୱାର ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ (କମ୍ୟୁନିକେସନ୍ ସିଷ୍ଟମ୍ ଇଞ୍ଜିନିୟରିଂ) ଏବଂ ହିଟ୍ ପାୱାର ଆଣ୍ଡ ଥର୍ମାଲ ଇଞ୍ଜିନିୟରିଂ ଅଧ୍ୟୟନ ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଡିଗ୍ରୀ ପ୍ରଦାନ କରାଯାଇଥିଲା।

## ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମ୍ବାଦିକ ଦେବାଶିଷ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ସମ୍ମାନ



ଖୋର୍ଦ୍ଧା, (ମହାଭାରତ) : ବନ୍ୟପ୍ରାଣୀ ସୁରକ୍ଷା, ପରିବେଶ ସଂରକ୍ଷଣ ଓ ସାମାଜିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ଖୋର୍ଦ୍ଧାର ଯୁବ ସାମ୍ବାଦିକ ଦେବାଶିଷ ମହାନ୍ତିଙ୍କୁ ଉପଖଣ୍ଡ ସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି । ବିଗତ ପାଞ୍ଚ ବର୍ଷ ଧରି ତାଙ୍କର ନିରନ୍ତର ପ୍ରୟାସ ଆଜି ତାଙ୍କୁ ଏହି ସମ୍ମାନ ସ୍ୱୀକୃତି ଦେଇଛି ଦେବାଶିଷ କହିଛନ୍ତି । ନିଜର ସାଙ୍ଗସାଥୀ ଏବଂ ସ୍ଥାନୀୟ ଯୁବକଙ୍କୁ ସାଥୀ କରି ଦେବାଶିଷ ବନ୍ୟଜନ୍ତୁ ଓ ପକ୍ଷୀଙ୍କ ସୁରକ୍ଷା ପ୍ରତି ଯତ୍ନଶୀଳ ରହିବା ସହିତ ସେମାନଙ୍କ ପାଇଁ ଖାଦ୍ୟ ପାନୀୟର ଓ ବ୍ୟବସ୍ଥା କରୁଥିବା ବେଳେ ଜଙ୍ଗଲ ବିଭାଗ ସହ ସମନ୍ୱୟ ରକ୍ଷା କରି ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ପ୍ରକୃତି ସଂରକ୍ଷଣ ଓ ଜୈବ ବିବିଧତାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି । ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସହାବସ୍ଥାନ ସୁନିଶ୍ଚିତ କରିବା ସହ ପରିବେଶର ସନ୍ତୁଳନ ରକ୍ଷା କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ । ଏହା ବ୍ୟତୀତ ପରିବେଶ ସୁରକ୍ଷା ସହ ସାମାଜିକ କାର୍ଯ୍ୟରେ ମଧ୍ୟ ତାଙ୍କର ସକ୍ରିୟ ଭୂମିକା ରହିଛି । ବିନା ସରକାରୀ ସହାୟତାରେ ସେ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଉଦ୍ଧାର ଓ ସହାୟତା ପ୍ରଦାନ, ମହିଳା ଓ ଝିଅମାନଙ୍କ ସୁରକ୍ଷା ନେଇ ସଚେତନତା ସୃଷ୍ଟି ଏବଂ ଗରିବ ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ସହଯୋଗ କରିଆସୁଛନ୍ତି । ଏଥିସହ ଓଡ଼ିଶାର କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି । ବନ୍ୟପ୍ରାଣୀଙ୍କ ସୁରକ୍ଷା ସହ ମଣିଷର ନିରାପତ୍ତାକୁ ଗୁରୁତ୍ୱ ଦେଇ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ, ଗବେଷଣା ଓ ନୂତନ ପଦକ୍ଷେପ ଉପରେ ଦେବାଶିଷ ଗୁରୁତ୍ୱାରୋପ କରୁଛନ୍ତି । ଏ ଦିଗରେ ସରକାରୀ ସହଯୋଗ ମିଳିଲେ ତାଙ୍କର ଉଦ୍ୟମ ଅଧିକ ବ୍ୟାପକ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ବର୍ତ୍ତମାନ ପରିବେଶ ପ୍ରଦୂଷଣ, ଜଙ୍ଗଲ କ୍ଷୟ ଓ ଜୈବ ବିବିଧତାର ଅବକ୍ଷୟ ଏକ ଗମ୍ଭୀର ଆହ୍ୱାନ ହୋଇଥିବାବେଳେ ଦେବାଶିଷଙ୍କ ଏହି ସଫଳତା ପ୍ରକୃତିପ୍ରେମୀ ଓ ଯୁବପିଢ଼ିଙ୍କୁ ସଂରକ୍ଷଣ କାର୍ଯ୍ୟରେ ଯୋଗଦେବା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି ।

## ଜିଲ୍ଲା ସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ -୨୦୨୬ ଅନୁଷ୍ଠିତ



ଭବାନୀପାଟଣା, (ମହାଭାରତ) : ୯ ତମ ଜିଲ୍ଲା ସ୍ତରୀୟ ଜାତୀୟ ପୋଷଣ ମାସ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆୟୋଜନରେ ଆଜି ଭବାନୀପାଟଣା ପଞ୍ଚାୟତ ସମ୍ମିଳନୀ ଗୃହ ଠାରେ ପାଳିତ ହୋଇଯାଇଛି । ଏହି ଦିବସର ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭଉଦ୍ଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଭଲକ୍ଷ୍ମୀ ନାୟକ , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ୍ ନିଶା, , ଘଐଗରୁ ଜଇଝକ ମେନେଜର କୃଷ୍ଣ ଚନ୍ଦ୍ର ପ୍ରଧାନ, ମିଶନ ଶକ୍ତି ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ସୁମନ ଦ୍ୱିବେଦୀ, ଓଡିଶା ଜୀବିକା ମିଶନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଡ. ଚନ୍ଦନ ବେହେରା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ମଞ୍ଚାସୀନ ଅତିଥି ଭାବରେ ଯୋଗଦେଇଥିଲେ । ଅଂଶଗ୍ରହଣକାରି ମଧ୍ୟରେ ଆଇସିଡିଏସ ର ପ୍ରୋଗ୍ରାମ୍ ଅଫିସର ନମିତାରାଣୀ ପଲ୍, ଭବାନୀପାଟଣା ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ୍ ଅଫିସର ଆଶା ରାଣୀ ସାହୁ ଓ ଧର୍ମଗଡ଼ ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ୍ ଅଫିସର ଫୁଲଯେଂସିଆ ସୋରେନ୍ , ପୋଷଣ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟରତ ଜିଲ୍ଲା ସଂଯୋଜକ ଅଜୟ ବିଭାର ଓ ଜିଲ୍ଲା ପୋଷଣ କାର୍ଯ୍ୟ ସହାୟିକା ପ୍ରଜ୍ଞା ମହାପାତ୍ର, ଓମେନ୍ ହବ୍ ର ଜିଲ୍ଲା ସଂଯୋଜକ ଯୁଗେସ୍ୱର ବୁଢ଼ିଆ ବିବାହ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ଥିବା ଜିଲ୍ଲା ପରାମର୍ଶଦାତା ଦିବ୍ୟ ରଞ୍ଜନ ଯୋଶୀ, ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଆଇ. ସି. ଡି. ଏସ. ର ମହିଳା ପରିଦର୍ଶିକା , ପୋଷଣ କାର୍ଯ୍ୟକ୍ରମ ଅଧୀନରର କାର୍ଯ୍ୟରତ ସମସ୍ତ ବ୍ଲକ ସଂଯୋଜକ , ଅଙ୍ଗନୱାଡି କର୍ମୀ , ଓ ସ୍ୱୟଂ ସହାୟକ ର ଗୋଷ୍ଠୀ ର ସଭ୍ୟା ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ୍ ନିଶା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ପୋଷଣ ମାସ ପାଳନର ଉଦ୍ଦେଶ୍ୟ ଓ ବିଭାଗର ନିୟମାବଳୀ ଅନୁଯାୟୀ ଜିଲ୍ଲାରେ ରେ କରାଯାଇଥିବା କାର୍ଯ୍ୟକ୍ରମ ଗୁଡିକୁ ଉପସ୍ଥାପନ କରିଥିଲେ ଓ ପରେ ପରେ ପ୍ରୋଗ୍ରାମ୍ ଅଫିସର ନମିତାରାଣୀ ପଲ୍ ପୋଷଣ ଅଭିଯାନ ଅନ୍ତର୍ଗତ ପାଳିତ ହୋଇଥିବା ୯ ମ ଜାତୀୟ ପୋଷଣ ମାସର ଆଭିମୁଖ୍ୟ, କାର୍ଯ୍ୟବଳି ଓ ଜିଲ୍ଲାରେ ପାଳିତ ହୋଇଥିବା ମୁଖ୍ୟ ମୁଖ୍ୟ କାର୍ଯ୍ୟକ୍ରମ ଗୁଡିକୁ ପି ପି ଟି ମାଧ୍ୟମରେ ଉପସ୍ଥାପନ କରିଥିଲେ । ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀ ବୃନ୍ଦ ନିଜ ବିଭାଗୀୟ କାର୍ଯ୍ୟକ୍ରମ ଗୁଡିକୁ ଜଣାଇବା ସହିତ ପୃଷ୍ଟି ସହିତ ସମନ୍ୱୟ କୁ ବୁଝାଇଥିଲେ । କାର୍ଯ୍ୟକ୍ରମ ଆନୁକୁଲ୍ୟରର ଭବାନୀପାଟଣା ସହରାଞ୍ଚଳର ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ର ସଭ୍ୟା ମାନଂକ ଦ୍ୱାରା ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ, ଚଳିତ ପୋଷଣ ମାସର ବିଷୟବସ୍ତୁ ଅଧାରିତ ବାର୍ତ୍ତା ଗୁଡିକୁ ପ୍ରଦଶିତ କରିଥିଲେ । ପୋଷଣ ମାସ ଅବସରରେ ଅୟୋଜିତ ରଚନା, ସାଧାରଣ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଂକୁ ପୁରସ୍କୃତ କରାଯାଇଥିଲା । ପୁଣି ବ୍ଲକ କଳା ସାଂସ୍କୃତିକ ସଂଘ ମାଧ୍ୟମରେ ଲୋକକଳା ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥିଲା । ଶେଷରେ ପ୍ରୋଗ୍ରାମ୍ ଅଫିସର ସନ୍ଧ୍ୟା ରାଣୀ ନାୟକ ସମସ୍ତଂକୁ ଧନ୍ୟବାଦ ଦେଇଥିଲେ ।

## ପାରାଦୀପ ଫସଫେଟସ ମଜଦୁର ୟୁନିୟନ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ




ପାରାଦୀପ, (ମହାଭାରତ) : ହିନ୍ଦ ମଜଦୁର ସଭା ସହିତ ଅନୁବନ୍ଧିତ ଶ୍ରମିକ ସଙ୍ଗଠନ ପାରାଦୀପ ଫସଫେଟସ୍ ମଜଦୂର ୟୁନିୟନ୍‌ର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୌରହିତ୍ୟ କରିଥିଲେ ସଙ୍ଗଠନର ବରିଷ୍ଠ ଉପସଭାପତି ଅମୃତ ଦାସ । ଏହି ବୈଠକରେ ୟୁନିୟନର ସଭାପତି ତଥା ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଅନ୍ୟତମ ଉପସଭାପତି ତଥା ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ପ୍ରଫୁଲ ଖଟୁଆ, ଅନନ୍ତ କୁମାର ଦାସ, ନୀଳକଣ୍ଠ ଦେ, ପତାପ ହଜାରୀ, ଅନୟ କୁମାର ସ୍ୱାଇଁ, ଗଜେନ୍ଦ୍ର ମହାପାତ୍ର, ଅର୍ନ୍ତଯ୍ୟାମୀ ମାର୍ଥୀ, ଦୂର୍ଗାଚରଣ ମଲ୍ଲିକ, ପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ । ୟୁନିୟନର ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କର ସବିଶେଷ ଆଲୋଚନା ହୋଇଥିଲା । ୟୁନିୟନ ସବୁବେଳେ ଶ୍ରମିକମାନଙ୍କ ମୌଳିକ ସମସ୍ୟା ନେଇ ଲଢେଇ କରି ଆସିଛି । ଯାହା ଫଳରେ ପିପିଏଲ କର୍ତୃପକ୍ଷ ଶ୍ରମିକମାନଙ୍କ ଦୈନିକ ମଜୁରୀ ବୃଦ୍ଧି କରିବାକୁ ବାଧ ହୋଇଥିଲେ ବୋଲି ୟୁନିୟନ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଏହି ବୈଠକରେ ୟୁନିୟନର ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

## ବେଆଇନ ମଦ ଉତ୍ପାଦନରେ ବଡ଼ ଧରଣର ଚଢ଼ାଉ

ପରଜଙ୍ଗ -(ମହାଭାରତ )ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଆମ୍ବାପାଳସ ଏବଂ ଡୋମୁହାଣି ଅଞ୍ଚଳରେ ବେଆଇନ ଭାବେ ମଦ ଉତ୍ପାଦନ ରୋକିବା ପାଇଁ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ଓ କାମାକ୍ଷାନଗର ଏସଡିପିଓଙ୍କ ନେତୃତ୍ୱରେଏକ ବଡ଼ଧରଣର ଚଢାଉ କରାଯାଇଥିଲା । ଏହି ମିଳିତ ଚଢାଉରେ ପରଜଙ୍ଗ ଥାନା , ମହାବିରୋଡ ଥାନା ଓ ଗୋଟିଏ ପ୍ଲାଟୁନ୍ ଫୋର୍ସ ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।ତେବେ ଏହି ବେଆଇନ ମହୁଆ ଉତ୍ପାଦନ ହୋଇଥିବା ୩୫୦୦୦ଲିଟରରୁ ଅଧିକ ପୋଚା ନଷ୍ଟ କରାଯାଇଥିଲା । ୨୦୦୦ ଲିଟର ବେଆଇନ ଭାବରେ ମଦ ଜବତ କରାଯାଇଛି । ଆଲୁମିନିୟମ୍ ପାତ୍ର ୬ଟି, ପ୍ରକ୍ରିୟା ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍ ପାଇପ୍ ୧୦ ଖଣ୍ଡ,ଷ୍ଟିଲ୍ ପାଇପ୍ ୦୪ ଖଣ୍ଡ,ଫନଲ୍ ୦୨ ଖଣ୍ଡ,ଅବୈଧ ମଦ ଉତ୍ପାଦନରେ ବ୍ୟବହୃତ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଛି । ପରଜଙ୍ଗ ପିଏସ୍ ମାମଲା କେଶ ନମ୍ବର ୫୨୩ ତାରିଖ ୦୯.୧୦.୨୦୨୬, ଆଇନଗତ ଓଡ଼ିଶା ଉତ୍ପାଦ ଶୁଳ୍କ ଆଇନର ଧାରା ୫୨(ବ)(ସ) । ତେବେ ଚଢାଉ ସମୟରେ ଅବୈଧ ମଦ ଉତ୍ପାଦନରେ ସମ୍ପୃକ୍ତ ଥିବା ସନ୍ଦିଗ୍ଧ ବ୍ୟକ୍ତିମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ସେମାନଙ୍କ ପରିଚୟ ଏବଂ ସମ୍ପୃକ୍ତି ତଦନ୍ତାଧୀନ ଅଛି । ସେମାନଙ୍କୁ ଖୋଜିବା ଏବଂ ଆଇନ ଅନୁଯାୟୀ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରୟାସ ଜାରି ରହିଛି ।



## ଶାନ୍ତି ଶୃଙ୍ଖଳାରେ ସରିଲା ପାରାଦୀପ ମହାବିଦ୍ୟାଳୟରେ ମନୋନୟନ ପତ୍ର ଦାଖଲ




ପାରାଦୀପ, (ମହାଭାରତ) : ପାରାଦୀପ ମହାବିଦ୍ୟାଳୟରେ ଶୁକ୍ରବାର ଦିନ ଶାନ୍ତିଶରଙ୍ଖଳାର ସହିତ ଛାତ୍ର ସଂସଦ ନିମନ୍ତେ ମନୋନୟନପତ୍ର ଦାଖଲ ଶେଷ ହୋଇଛି । ମନୋନୟନ ପତ୍ର ଦାଖଲ ନିମନ୍ତେ ପାରାଦୀପ ଆଦର୍ଶ ଥାନା ପକ୍ଷରୁ ବ୍ୟାପକ ପୋଲିସ୍ ବନ୍ଦୋବସ୍ତ କରାଯାଇଥିଲା । ଛାତ୍ର ପ୍ରତିନିଧିମାନେ ସେମାନଙ୍କ ସମର୍ଥକମାନଙ୍କ ଗହଣରେ ଆସି ମନୋନୟନ ପତ୍ର ଦାଖଲ କରିଥିଲେ । ଦୀର୍ଘ ବର୍ଷ ପରେ ଅନୁଷ୍ଠିତ ହେଉଥିବା ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ପାରାଦୀପ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଗ୍ରହ ବଢିଯାଇଛି । ଏହି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନେତାମାନେ ଅ□ା ଭିଡିଛନ୍ତି । ଚଳିତ ବର୍ଷ ପାରାଦୀପ ମହାବିଦ୍ୟାଳୟରେ ସଭାପତି ଭାବେ ୫ଜଣ ମନୋନୟନ ପତ୍ର ଦାଖଲ କରିଛନ୍ତି । ରାକେଶ ବେଜ, ଲକ୍ଷ୍ମୀପ୍ରିୟା ଦାସ, ଶୁଭଲକ୍ଷ୍ମୀ ଦାସ, ଆଦିତ୍ୟ ପ୍ରସାଦ ମଲ୍ଲିକ, ତ୍ରିଶିଳା ରାଉତ ସଭାପତି ପଦ ନିମନ୍ତେ ମନୋନୟନ ପତ୍ର ଦାଖଲ କରିଥିବା ବେଳେ ଉପସଭାପତି ନିମନ୍ତେ ୩ଜଣ, ସାଧାରଣ ସମ୍ପାଦକ ନିମନ୍ତେ ୩ଜଣ, ସହ ସମ୍ପାଦକ ନିମନ୍ତେ ୩ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଥିବା ବେଳେ ଅନ୍ୟାନ୍ୟ ପଦବୀ ପାଇଁ ମଧ୍ୟ ମନୋନୟନ ପତ୍ର ଦାଖଲ ହୋଇଥିବା ନେଇ ଅଧ୍ୟକ୍ଷା ଡ.ସସ୍ମିତା ଶତପଥୀ ସୂଚନା ଦେଇଛନ୍ତି ।

## ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ରାଜଗାଙ୍ଗପୁରର ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ ଓ ଯାଞ୍ଚ

ରାଜଗାଙ୍ଗପୁର, (ଅଟଳ ବିହାରି ପଣ୍ଡା) : ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ଓଡ଼ିଶାର ବିଭିନ୍ନ ଔଷଧ ଦୋକାନରେ ଚାଲିଥିବା ଯାଞ୍ଚ ଓ ଚଢ଼ାଉ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଆଜି ରାଜଗାଙ୍ଗପୁର ଥାନା ଅଞ୍ଚଳରେ ବିଭିନ୍ନ ଔଷଧ ଦୋକାନରେ ଯାଞ୍ଚ କରାଯାଇଥିଲା । ଏହି ଅଭିଯାନରେ ସୁନ୍ଦରଗଡ଼ର ଡ୍ରଗ୍ସ ଇନ୍ସପେକ୍ଟର ଡଃ ଶକୁନ୍ତଳା ଧୁରୁଆ, ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଶ୍ରୀମତୀ ଅଜହମଣି ମାରାଣ୍ଡି ଏବଂ ରାଜଗାଙ୍ଗପୁର ଥାନାର ସବ୍-ଇନ୍ସପେକ୍ଟର ଲିଲି ସ୍ୱାଇଁଙ୍କ ସମେତ ଅନ୍ୟ ଟିମ୍ ସଦସ୍ୟମାନେ ସାମିଲ ହୋଇଥିଲେ । ଏହି ଟିମ୍ ପକ୍ଷରୁ ରାଜଗାଙ୍ଗପୁରର ଲିପ୍ଲୋଇ, ଓସିଏଲ୍ ମାର୍କେଟ୍ ଏବଂ କାଂଶବାହାଲ ଅଞ୍ଚଳରେ ଥିବା ବିଭିନ୍ନ ଔଷଧ ଦୋକାନ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ବିନା ବୈଧ ଡାକ୍ତରୀ ପ୍ରେସକ୍ରିପସନ୍ ?ରେ ଔଷଧ ବିକ୍ରୟ ନ କରିବା ଏବଂ ଔଷଧ ବିକ୍ରୟ ସମ୍ବନ୍ଧୀୟ ନିୟମକାନୁନ୍ ?କୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଔଷଧ ଦୋକାନୀମାନଙ୍କୁ ସଚେତନ କରାଯାଇଥିଲା । ବିଶେଷକରି ନିଶାଦ୍ରବ୍ୟ ଭାବେ ଅପବ୍ୟବହାର ହେବାର ଆଶଙ୍କା ଥିବା ଘଜଙ୍ଘ ଶ୍ରେଣୀର ଔଷଧ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା । ଔଷଧର ବେଆଇନ ବିକ୍ରୟ ଓ ନିଶାଦ୍ରବ୍ୟର ଅପବ୍ୟବହାରକୁ ରୋକିବା, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କରିବା ଏବଂ ଔଷଧ ବିକ୍ରୟରେ ସ୍ୱଚ୍ଛତା ଓ ନିୟମାନୁପାଳନ ସୁନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଡ୍ରଗ୍ସ କ□ୋଲ୍ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଆଗାମୀ ଦିନରେ ମଧ୍ୟ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଔଷଧ ଦୋକାନଗୁଡ଼ିକରେ ଏଭଳି ଯାଞ୍ଚ ଓ ଚଢ଼ାଉ ଜାରି ରହିବ । ଔଷଧ ଦୋକାନୀମାନଙ୍କୁ ସମସ୍ତ ଆଇନଗତ ନିୟମ ପାଳନ କରିବା ସହ ନିଶାଦ୍ରବ୍ୟର ଅପବ୍ୟବହାର ରୋକିବାରେ ପ୍ରଶାସନକୁ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି ।

## ଧାମନଗର ମହାବିଦ୍ୟାଳୟରେ ବାଣ ଫୁଟାଇ ପଟୁଆରରେ ଆସି ନାମାଙ୍କନ ଦାଖଲ କଲେ ଉଭୟ ଛାତ୍ର ସଂଗଠନ.

ଧାମନଗର, (ମହାଭାରତ) : ଦୀର୍ଘ ୧୨ ବର୍ଷର ବ୍ୟବଧାନ ପରେ ଧାମନଗର ମହାବିଦ୍ୟାଳୟରେ ଫେରିଛି ଛାତ୍ର ସଂସଦ ନିର୍ବାଚନର ଉଷ୍ମତା । ନିର୍ବାଚନକୁ ନେଇ ଶୁକ୍ରବାର କଲେଜ ପରିସରରେ ଦେଖିବାକୁ ମିଳିଥିଲା ଛାତ୍ର ସଂଗଠନଗୁଡ଼ିକର ଉତ୍ସାହ । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ଛାତ୍ରଛାତ୍ରୀମାନେ ବାଣ ଫୁଟାଇ ପଟୁଆରରେ ଆସି ନିଜ ନିଜ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ କରିଥିଲେ । ଏହାକୁ ନେଇ କଲେଜ ପରିସରରେ ନିର୍ବାଚନୀ ମାହୋଲ ସରଗରମ ହୋଇଉଠିଥିଲା ।ଏବିଭିପି ପକ୍ଷରୁ ୨୩ ଜଣ ଏବଂ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ୧୧ ଜଣ ପ୍ରାର୍ଥୀ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଦାଖଲ କରିଛନ୍ତି । ଦୀର୍ଘ ବର୍ଷ ପରେ ନିର୍ବାଚନ ହେଉଥିବାରୁ ଉଭୟ ସଂଗଠନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବେଜ୍ ?ଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପ୍ରକ୍ରିୟା ଚାଲିଛି । ନିର୍ବାଚନ ଅଧିକାରୀ ସରୋଜ ପଣ୍ଡାଙ୍କ ସମେତ ସହଯୋଗୀ ସଦସ୍ୟ ପ୍ରଶାନ୍ତ ପରିଡ଼ା, ଆଶୀର୍ବାଦ ମହାନ୍ତି ଓ ଚିନ୍ମୟୀ ଜେନା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଅଛନ୍ତି । ପ୍ରଦୀପ କୁମାର ରାୟ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି ।ନିର୍ବାଚନକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ଲାଗି କଲେଜ ପରିସରରେ ସିସିଟିଭି ବ୍ୟବସ୍ଥା କରାଯାଇଛି । ନିର୍ବାଚନ ନିୟମାବଳୀ ଅନୁଯାୟୀ ସମସ୍ତ ପ୍ରକ୍ରିୟା ପାଳନ କରାଯାଉଛି । ଶନିବାର ନାମାଙ୍କନପତ୍ର ଯାଞ୍ଚ ହେବାକୁ ଥିବାବେଳେ ରବିବାର ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ।ସୂଚନାଯୋଗ୍ୟ, ଧାମନଗର ମହାବିଦ୍ୟାଳୟରେ ଶେଷଥର ପାଇଁ ୨୦୧୩ ମସିହାରେ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା । ଦୀର୍ଘ ୧୨ ବର୍ଷ ପରେ ନିର୍ବାଚନ ଫେରିଥିବାରୁ କ୍ୟାମ୍ପସରେ ଛାତ୍ର ରାଜନୀତି ପୁଣିଥରେ ଚଳଚଞ୍ଚଳ ହୋଇପଡ଼ିଛି ।

## ଟିକାୟତ ଉଚ୍ଚ ବିଦ୍ୟାଳୟରେ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ



ବାଲିଚନ୍ଦ୍ରପୁର, (ମହାଭାରତ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଟିକାୟତ ଉଚ୍ଚ ବିଦ୍ୟାଳୟ ଅଚ୍ୟୁତବସନ୍ତ ପରିସରରେ ପ୍ରଧାନ ଶିକ୍ଷକ ସହଦେବ ବଳସାମନ୍ତଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର କୃତିଛାତ୍ର ବିଶ୍ୱଜିତ୍ ନାୟକ ଓ ଛାତ୍ରୀ ହରପ୍ରିୟା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଦୁଇ ମେଧାବୀ ଛାତ୍ରଛାତ୍ରୀ ୨୦୨୬ ନିଟ୍ ପରୀକ୍ଷାରେ ସଫଳତା ହାସଲ କରି ଡ଼ାକ୍ତରୀ ପଢ଼ୀବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଅସିହା ଗ୍ରାମର ଶୈଳବାଳା ନାୟକ ଓ ବସନ୍ତ ନାୟକଙ୍କ ପୁତ୍ର ବିଶ୍ୱଜିତ୍ ନାୟକ ଟିକାୟତ ଉଚ୍ଚ ବିଦ୍ୟାଳୟରୁ ଏଚ.ଏସ.ସି ଓ ବାବା ଭୈରବାନନ୍ଦ ମହାବିଦ୍ୟାଳୟରୁ +୨ ବିଜ୍ଞାନରେ ଉତିର୍ଣ୍ଣ ହୋଇ ନିଟ୍ ପରୀକ୍ଷାରେ ୫୬୨ ନମ୍ବର ରଖି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ବ୍ରହ୍ମପୁରରେ ନାମ ଲେଖାଇବାର ସୁଯୋଗ ପାଇଥିବା ବେଳେ ଅଚ୍ୟୁତବସନ୍ତ ଅଂଚଳର ନନ୍ଦିନୀ ଦାସ ଓ ପ୍ରଦିପ ଦାସଙ୍କ କନ୍ୟା ହରପ୍ରିୟା ଦାସ ଉପରୋକ୍ତ ବିଦ୍ୟାଳୟରୁ ଦଶମ ପରୀକ୍ଷା ଓ ଟେଟ୍ରାହେଡ଼େନ କଲେଜରୁ +୨ରେ ଉତିର୍ଣ୍ଣ ହୋଇ ନିଟ୍ ପରୀକ୍ଷାରେ ୫୬୩ ନମ୍ବର ରଖି ଫୁଲବାଣୀ ସରକାରୀ ମେଡ଼ିକାଲ କଲେଜରେ ନାମ ଲେଖାଇଛନ୍ତି । ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପରିସରରେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ/ଅଭିଭାବିକା ଉଭୟଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉଭୟ ତାଙ୍କ ପ୍ରତିକ୍ରିୟାରେ ଏହି ସଫଳତା ପାଇଁ ଆମର ଶିକ୍ଷକ/ଶିକ୍ଷୟିତ୍ରୀ, ବାପା ମାଆ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଆଶ୍ରିବାଦ ଓ ସାଧାରଣ ସ୍ତରର ଲୋକମାନଙ୍କୁ ନିରବିଚ୍ଛିନ୍ନ ଭାବରେ ସେବା ଯୋଗାଇଦେବା ପାଇଁ ମତ ଦେଇଥିଲେ । ସେମାନଙ୍କର ଏହି ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ନବମ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ

ବାଲିପାଟଣା:(ମହାଭାରତ) ବାଲିପାଟଣା ବ୍ଲକ ପରିସରରେ ପ୍ରକଳ୍ପ ସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସ ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାତ୍ରୀ, ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ ଏବଂ ସିଡିପିଓ ସେହ୍ନଲତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପୋଷଣର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପୋଷକତତ୍ତ୍ୱ ଭରା ମାଣ୍ଡିଆ ଜାତୀୟ ଖାଦ୍ୟ ଏବଂ ପାରମ୍ପରିକ ସ୍ୱାସ୍ଥ୍ୟକର ଖାଦ୍ୟ ସାମଗ୍ରୀର ସୁସଜ୍ଜିତ ଷ୍ଟଲ୍‌ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ବିଶେଷ କରି ମାଣ୍ଡିଆରେ ତିଆରି ହୋଇଥିବା ବିଭିନ୍ନ ପ୍ରକାରର ସୁସ୍ୱାଦୁ ଓ ପୌଷ୍ଟିକ ବ୍ୟଞ୍ଜନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଏବଂ କୁପୋଷଣ ଦୂରୀକରଣ ପାଇଁ ଦୈନନ୍ଦିନ ଆହାରରେ ମାଣ୍ଡିଆ ଓ ସ୍ଥାନୀୟ ପୋଷକ ଯୁକ୍ତ ଖାଦ୍ୟର ବ୍ୟବହାର ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି ସୁପରଭାଇଜର ଏବଂ ବହୁ ସଂଖ୍ୟାରେ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ତୋଟାସାହିରେ ପିତୃପକ୍ଷ ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଯାପିତ

ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ତୋଟାସାହି ମଙ୍ଗଳା ମଣ୍ଡପ ଠାରେ ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀ ଶନିବାର ଠାରୁ ସପ୍ତଦିବସ ବ୍ୟାପି ଆରମ୍ଭ ହୋଇଥିବା ପିତୃପକ୍ଷ ଶ୍ରୀମଦ୍ ଭାଗବତ ସପ୍ତାହ ଶୁକ୍ରବାର ଉଦଯାପିତ ହୋଇଯାଇଛି।ପ୍ରାରମ୍ଭରେ କଳସ ଶୋଭାଯାତ୍ରା ସହିତ ପ୍ରତ୍ୟେହ ସୂର୍ଯ୍ୟପୂଜା,ମଙ୍ଗଳଆଳତୀ ଓ କୀର୍ତନ ସହିତ ପ୍ରତିସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର ଆୟୋଜନ ହୋଇଥିଲା।ପ୍ରବଚନ ଶୁଣିବାକୁ ଆଖପାଖ ଅଂଚଳର ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଗ୍ରାମରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ।ପ୍ରବକ୍ତାଭାବେ ଚାରଣ ହରିହର ଯେନା (ପୁରୀ),ବସନ୍ତ କୁମାର ବିଷୋୟୀ (ଜଗତସିଂପୁର),ପଣ୍ଡିତ ସନ୍ତୋଷ କୁମାର କର(କମସରଗଡ଼),ଅଧ୍ୟାପକ ବିପିନ ମହାପାତ୍ର,ଓ ପ୍ରଫେସର ଡଃ ଶତ୍ରୁଘ୍ନ ପାଣିଗ୍ରାହୀ,କୁରାଳ ମଠମହନ୍ତ ବାଳକୃଷ୍ଣ ଦାସ ମହାରାଜ,ପଣ୍ଡିତ ଶଙ୍କର୍ଷଣ ପାତ୍ର ଯୋଗଦେଇଥିବା ବେଳେ ପଣ୍ଡିତ ପ୍ରମୋଦ କୁମାର ଦାସ ବ୍ୟାସ ଦାୟିତ୍ୱ ନିର୍ବାହ କରିଥିଲେ।ପ୍ରତ୍ୟେହ ସନ୍ଧ୍ୟା ପ୍ରଚଚନ ମଞ୍ଚରେ ଅତିଥି ଭାବେ ସରପଞ୍ଚ ବିଜନ ପାଇକରାୟ,ପ୍ରଭାତ କୁମାର ବିଧାର, ପ୍ରିନ୍ସିପାଲ ରାଜକିଶୋର ସାହୁ,ଚାରଣ ଶୁକଦେବ ମହାରଣା,ସୁଶାନ୍ତ ଚୌଧୁରୀ,ରାମେଶ୍ୱର ପଣ୍ଡା,ପଣ୍ଡିତ ଫକିର ମୋହନ ମିଶ୍ର ଯୋଗ ଦେଇଥିବା ବେଳେ ମୁଖ୍ୟକର୍ତ୍ତା ସାହିମୁଖିଆ ତଥା ଶିକ୍ଷକ ସୁଶାନ୍ତ କୁମାର ମିଶ୍ର ଦାୟିତ୍ୱ ତୁଲାଇଥିଲେ।ବାଦ୍ୟଯନ୍ତ୍ରରେ ମାଷ୍ଟର କୃଷ୍ଣଚନ୍ଦ୍ର ମାଝୀ ଓ ଯୁଗଳ କିଶୋର ପ୍ରଧାନ ସହଯୋଗ କରିଥିବାବେଳେ ପୁରୋହିତ ଭାବେ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ,ନୃସିଂହ ପ୍ରସାଦ ଶତପଥୀ,ଲିଙ୍ଗରାଜ ତ୍ରିପାଠୀ ଓ ଜଗନ୍ନାଥ ମିଶ୍ର ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମକୁ ବିଜୟ କୁମାର ନାୟକ,ଯୋଗେନ୍ଦ୍ର ପାଣିଗ୍ରାହୀ,କାଶୀନାଥ ପାଣିଗ୍ରାହୀ,ବ୍ରଜବନ୍ଧୁ ସାହୁ ପ୍ରମୁଖ ପରିଚାଳନା କରିଥିବାବେଳେ ତୋଟାସାହିର ସମସ୍ତ ଯୁବଗୋଷ୍ଠୀ ଓ ସାହିବାସିନ୍ଦା ସହଯୋଗ କରିଥିବା ଜଣାପଡ଼ିଛି।

# ଓଡ଼ଗାଁ ଏନଏସି ପକ୍ଷରୁ "ଏକ ପେଡ଼ ମା'କେ ନାମ" କାର୍ଯ୍ୟକ୍ରମ



ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ଏନଏସି ପକ୍ଷରୁ ଏକ ପେଡ ମା' କେ ନାମ ଓ ସ୍ୱଚ୍ଛତାହିଁ ସେବା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଏନଏସି କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।ଗଛ ଆମକୁ ଅମ୍ଳଜାନ,ଛାୟା,ଫଳ ଓ ପରିବେଶର ସନ୍ତୁଳନ ଦେଇଥାଏ।ମା'ଙ୍କ ସମ୍ମାନରେ ଏକ ଗଛ ଲଗାଇବାର ଏହି ଅଭିଯାନ ଆମକୁ ପ୍ରକୃତି ସୁରକ୍ଷାର ଏକ ସୁନ୍ଦର ସନ୍ଦେଶ ଦେଇଥାଏ।ତେଣୁ କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦେଇ ନିଜ ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇବା ଏବଂ ତାହାର ଯତ୍ନ ନେବା ପାଇଁ ସମସ୍ତେ ଶପଥ ନେଇଥିଲେ।ସ୍ଥାନୀୟ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଯୋଗଦେଇ ବୃକ୍ଷ ରୋପଣ କରିବା ସହିତ ବୃକ୍ଷର ଉପକାରିତା ସମ୍ପର୍କରେ ସମସ୍ତଙ୍କୁ ଆଲୋକପାତ କରିଥିଲେ।ଏଥିରେ ଇଂ. ଜ୍ଞାନରଞ୍ଜନ, ଇଂ.ସାର୍ଥକ କୁମାର, ବରଦା ପ୍ରସନ୍ନ,ନୀଳମାଧବ, ସୂର୍ଯ୍ୟକାନ୍ତ,ଏମ୍.ସୁଭମ୍,ସରୋଜ କୁମାର ଯେନା,ଅଭିମନ୍ୟୁ,ସ୍ନେହାରାଜ, ସୁଦୀପ କୁମାର,ସୋମ ଯଥା,ମିଲନ୍, ରଞ୍ଜନ କୁମାର ଏବଂ ପ୍ରତାପ କୁମାରଙ୍କ ସହିତ ଏନଏସିର ସମସ୍ତ କର୍ମଚାରୀ ଓ ସମାଜସେବୀ ସୁଶାନ୍ତ କୁମାର ସାହୁ ଏବଂ ଜଗନ୍ନାଥ ପାଣିଗ୍ରାହୀ ସହଯୋଗ କରିଥିବା ଜଣାପଡ଼ିଛି।

# ଉତ୍କଳମଣି ଗୋପବନ୍ଧୁଙ୍କ ୧୪୮ତମ ଜୟନ୍ତୀ ପାଳନ



ଓଡଗାଁ,(ମହାଭାରତ): ଓଡଗାଁ ଏନଏସି ଅନ୍ତର୍ଗତ ଛାମୁସାହି ସ୍ଥିତ ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ ଗୋପବନ୍ଧୁଙ୍କ ୧୪୮ ତମ ଜୟନ୍ତୀ ପାଳିତ ହୋଇଯାଇଛି।ମୁଖ୍ୟଅତିଥି ଭାବେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ସହିତ ତାଙ୍କର ଗୁଣ ଗାନ କରିଥିଲେ।ଉତ୍କଳମଣି ଗୋପବନ୍ଧୁ ଦାସ ଦୀନଦରିଦ୍ରଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ।ଆଜୀବନ ତ୍ୟାଗ ମନ୍ତ୍ରରେ ଦୀକ୍ଷିତ ଏହି ତପସ୍ୱୀ ସାଧକ ଦୁଃଖୀ ରଙ୍କିଙ୍କର ବନ୍ଧୁଭାବରେ ଜଣାଶୁଣା ଥିଲେ।ଗୋପବନ୍ଧୁ କେବଳ ଜନସେବକ ନଥିଲେ,ସେ ଏକାଧାରାରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ,କବି,ସମାଜ ସଂସ୍କାରକ ଓ ସାମ୍ବାଦିକ।ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ଅନ୍ୟତମ ଓ ଆଦର୍ଶ ମାନବ ନିର୍ମାଣ କାରାଖାନା ବୋଲି ମୂଖ୍ୟଅତିଥି ଅଭିଭାଷଣରେ କହିଥିଲେ।କାର୍ଯ୍ୟକ୍ରମରେ ବିଜେପି କୃଷକନେତା ଶୁଶାନ୍ତ କୁମାର ସାହୁ,ଶଚି ନନ୍ଦ,ଗଙ୍ଗା ନନ୍ଦ,ରାଧା ଉପାଧ୍ୟାୟ,ବରେନ୍ଦ୍ର ନନ୍ଦ,ସୁରେଶ ମହାପାତ୍ର,ଅଚ୍ୟୁତ ପଣ୍ଡା,ଶ୍ରୀମନ୍ତ ମହାରଣା,ପ୍ରଫୁଲ୍ଲ ମାଝି,ପ୍ରଦୀପ୍ତ ଦାଶ,ଅଶ୍ୱିନୀ ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁବକ ସଂଘର ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ।

# ସାରସପଡ଼ା ଗ୍ରାମରେ ପାନୀୟ ଜଳସଙ୍କଟ

**ବଲାଙ୍ଗୀର:** ବଲାଙ୍ଗୀର ଜିଲ୍ଲାରେ ସମୁଦାୟ ୧୭୯୪ ଗାଁ। ଜିଲ୍ଲାର ମୋଟ ଜନସଂଖ୍ୟାର ୮୮ ପ୍ରତିଶତ ଗ୍ରାମାଞ୍ଚଳରେ ବସବାସ କରନ୍ତି। ବର୍ଷତମାମ ପ୍ରତି ଗାଁର ସମାନ ସମସ୍ୟା ସାମନାକୁ ଆସୁଛି। ରାସ୍ତାଘାଟ ଅଭାବ। ପାନୀୟ ଜଳସଙ୍କଟ। ବିଜୁଳି ଠପ୍। ପ୍ରଶାସନର ଜନଶୁଣାଣିରେ ଏଭଳି ଅଭିଯୋଗ ଫର୍ଦ୍ଦରେ ଫାଇଲ୍ ମୋଟା ହୋଇଯାଉଛି। ଅନ୍ୟ ଗାଁ କଥା ଦୂରେ ଥାଉ; ଜିଲ୍ଲାର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଅନ୍ୟଠାରୁ ନିଶ୍ଚିତ ଭାବେ ଭିନ୍ନ ଥିବ ବୋଲି ଆଶା କରାଯିବା କଥା। ଏହି ଆଶା ନେଇ ଆମେ ପହଞ୍ଚିଥିଲୁ ମୁରିବାହାଲ ବ୍ଲକ୍ ଡଙ୍ଗରପଡ଼ା ପଞ୍ଚାୟତ ସାରସପଡ଼ା ଗାଁରେ। ୨୦୧୪ ମସିହାରେ ଏହି ଦାଦନପ୍ରବଣ ଗାଁକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଥିଲା। ଆଦର୍ଶ ଗ୍ରାମ ହିସାବରେ ଏହାର ପାରିପାର୍ଶ୍ୱିକ ବିକାଶ ହେବା କଥା। ଗାଁ ଭିତରେ ଚକାଚକ୍? ରାସ୍ତାଘାଟ, ଡ୍ରେନେଜ୍ ସୁବିଧା, ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛ ପିଇବା ପାଣି, ସୁଦୃଢ଼ ଶିକ୍ଷା ବ୍ୟବସ୍ଥା ରହିବା କଥା। ହେଲେ ଗାଁକୁ ପହଞ୍ଚିବା ପରେ ସେଭଳି କିଛି ସ୍ୱତନ୍ତ୍ରତା ଦେଖିବାକୁ ମିଳିଲା ନାହିଁ। ବରଂ ସାଧାରଣ ଗାଁରୁ ଏହି ଆଦର୍ଶ ଗାଁର ସ୍ଥିତି ଆହୁରି ଖରାପ। ଗାଁ ଲୋକଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମରେ ସେମାନେ ସାମିଲ ଥିବା କହିଥିଲେ। କ'ଣ ବିଶେଷ ସୁବିଧା ପାଇଛନ୍ତି ତାହା କେହି ହୃଦ୍‌ବୋଧ କରିନଥିବା କ୍ଷୋଭର ସହ କହିଥିଲେ। ୨ଟି ୱାର୍ଡ ବିଶିଷ୍ଟ ଏହି ଗାଁର ଜନସଂଖ୍ୟା ୯୫୦ ପାଖାପାଖି। ପ୍ରାୟ ୧୯୦ ପରିବାର ଏଠି କୌଣସି ବିଶେଷ ମୌଳିକ ସୁବିଧା ପାଇନାହାନ୍ତି। ଆଦର୍ଶ ଗାଁର ସବୁ ଅନାଦର୍ଶ ଚିତ୍ର ଏଠାରେ ଦେଖିବାକୁ ମିଳିଥିଲା। ଗାଁରେ କାଦୁଅ ସରସର ମାଟି ରାସ୍ତା ଲମ୍ବି ରହିଛି। ଡ୍ରେନ୍‌ର ନାମଗନ୍ଧ ନାହିଁ। ଘରଗୁଡ଼ିକର ବ୍ୟବହୃତ ପାଣି ରାସ୍ତା ଉପରେ ମାଡୁଛି। ଲୋକେ ରାସ୍ତାକଡ଼ ଓ ବିଲରେ ଶୌଚ କରୁଛନ୍ତି। ଆବର୍ଜନା ପକାଇବାକୁ ଡଷ୍ଟବିନ୍ ନଥିବାରୁ ଏଣେତେଣେ ସବୁ ଖେଳାଇ ହୋଇପଡ଼ିଛି। ସ୍ୱଚ୍ଛ ପାନୀୟଜଳ ପାଣି ଯୋଗାଣ ପାଇଁ ଗାଁରେ ପାଇପ୍ ବିଛାଇବାକୁ ଦୁଇଥର ଖନନ କରାଯାଇଛି।ହେଲେ ଲୋକଙ୍କୁ ପୁରୁଣା ଖୋଲା କୂଅରୁ ପାଣି ଯୋଗାଣ ହେଉଛି। ଓଭରହେଡ ଟ୍ୟାଙ୍କ୍‌ରୁ ପାଣି ଆସୁନାହିଁ। ପିଲାଙ୍କ ପାଇଁ ପ୍ରାଥମିକ ସ୍କୁଲ୍ ଥିଲେ ହେଁ ଜମିକୁ ନେଇ ବିବାଦ ଲାଗିରହିଛି। ସରକାରୀ ଜମିରେ ସ୍କୁଲ୍ ଥିବା ଗ୍ରାମବାସୀ ଦାବି କରୁଥିବାବେଳେ ଜଣେ ବ୍ୟକ୍ତି ଜମିକୁ ଜବରଦଖଲ କରି ତାଙ୍କ ଦଖଲରେ ଥିବା କହୁଛନ୍ତି। ଆଦର୍ଶ ଗାଁରେ ବିଜୁଳି ସେବାର ବ୍ୟବସ୍ଥା ନିଶ୍ଚିତ କରିବା ଗାଇଡ୍‌ଲାଇନ୍ ରହିଛି। କିନ୍ତୁ ସାରସପଡ଼ାରେ ଟିକିଏ ପବନ ହେଲେ ବିଜୁଳି ଠପ୍। ଆଦର୍ଶ ଗାଁର କୌଣସି ସୁବିଧା ସୁଯୋଗ ମିଳୁନଥିବା ପ୍ରଦୀପ ପ୍ରଧାନ ଆଲୋଚନା ବେଳେ କହିଛନ୍ତି। ସରପଞ୍ଚ ରାମଦାସ ମହାକୁର ସାଧାରଣ ଗାଁ ଓ ଆଦର୍ଶ ଗାଁର ପ୍ରଭେଦ ଉପରେ କିଛି ଟିପ୍ପଣୀ କରି ପାରିନଥିଲେ। ଯୋଜନାରେ କେତେ ଟଙ୍କା ଆସିଛି, ତାହା ମଧ୍ୟ ସ୍ଥାନୀୟ ସରପଞ୍ଚଙ୍କୁ ଜଣାନାହିଁ। କେଉଁ ଉଦ୍ଦେଶ୍ୟରେ ସାରସପଡ଼ାକୁ ଆଦର୍ଶ ଗ୍ରାମ କରାଯାଇଛି, ତାହା ଗ୍ରାମବାସୀ ଠଉରାଇ ପାରୁନାହାନ୍ତି।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୫ ଆଶାୟୀଙ୍କ ପ୍ରାର୍ଥୀପତ୍ର ଦାଖଲ

**କେନ୍ଦ୍ରାପଡ଼ା:** ଛାତ୍ର ସଂସଦ ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ୨୫ ଜଣ ଆଶାୟୀ ଛାତ୍ରଛାତ୍ରୀ ବିଭିନ୍ନ ପଦବୀ ନିମନ୍ତେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସଭାପତି ପଦପାଇଁ ଶୁଭମରଞ୍ଜନ ଦାସ, ହିମାଂଶୁ ନାୟକ, ସୋମନାଥ ମଲ୍ଲିକ, ତୁଳସୀ ମଲ୍ଲିକ ଓ ଶୁଭମ କୁମାର ସେଠୀ ପ୍ରମୁଖ ୫ ଛାତ୍ରଛାତ୍ରୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉପସଭାପତି ପଦ ପାଇଁ ଆକାଶ ବାରିକ, ଓମ ପ୍ରକାଶ ଦାସ, ଚିରଞ୍ଜିତ ଜତି ପ୍ରମୁଖ ୩ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସାଧାରଣ ସମ୍ପାଦକ ପଦ ପାଇଁ ଶୁଭେନ୍ଦୁ ବିକାଶ ମଲ୍ଲିକ, ମାନସ ରଞ୍ଜନ ବେହୁରା, ଆଲୋକ ସେଠୀ, ଅଭିଷେକ ସ୍ୱାଇଁ ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ୫ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ମାନସ ରଞ୍ଜନ ବେହୁରାଙ୍କ ନାମାଙ୍କନପତ୍ରଟି ନାକଚ ହୋଇଯାଇଥିଲା। କାରଣ ତାଙ୍କ ବୟସ ୨୪ବର୍ଷ ବୋଲି ଜଣାପଡିଥିଲା। ଲିଙ୍ଗଡୋ କମିଶନଙ୍କ ନିୟମ ଅନୁଯାୟୀ ୨୩ ବର୍ଷ ମଧ୍ୟରେ ଜଣେ ପ୍ରାର୍ଥୀ ଛାତ୍ରସଂସଦ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ। ସହକାରୀ ସାଧାରଣ ସମ୍ପାଦକ ପଦ ପାଇଁ ମହମ୍ମଦ ଆୱାସ ଓ ଅବିନାଶ ନାଥ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶ୍ରେଣୀ ପ୍ରତିନିଧି ପଦରେ ବର୍ଷାରାଣୀ ସ୍ୱାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାଟ୍ୟ ସଂସଦ ସମ୍ପାଦକ ପଦ ପାଇଁ ଦେବସ୍ମିତା ପି. ସୁତାର, ସ୍ୱାତୀ ସ୍ୱାଗତିକା ଜେନା ଓ ସୋମନାଥ ନାୟକ ପ୍ରମୁଖ ୩ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଘରକୁ ଘର ସର୍ଭେ ସମ୍ପର୍କିତ ପ୍ରଶିକ୍ଷଣ

**ବୌଦ୍ଧ:** ବୌଦ୍ଧ ଜିଲ୍ଲାରେ ଆଗାମୀ ୨୦୨୭ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରସଂସ୍ଥା ମାନଙ୍କର ନିର୍ବାଚନ ପାଇଁ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଘରକୁ ଘର (ଉ୨ଉ) ସର୍ଭେକୁ ସୁଚାରୁ ଓ ସଫଳ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଆଜି ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ବୈଠକ ସ୍ଥାନୀୟ ସଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ବୌଦ୍ଧ, ବିଭୂତି ଭୂଷଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ତଥା ଇ ଆର୍ ଓ ବିନୟ କୁମାର ଭୋଇ, ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାର ଯୋଗଦେଇଥିଲେ। ବୈଠକରେ ଉ୨ଉ ସର୍ଭେର ଉଦ୍ଦେଶ୍ୟ, ସର୍ଭେ ସମୟରେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ନିର୍ଦ୍ଧାରିତ ଫର୍ମର ସଠିକ୍ ବ୍ୟବହାର, ତଥ୍ୟର ସଠିକତା ଏବଂ ରେକର୍ଡ ସଂରକ୍ଷଣ ସମ୍ପର୍କରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସୁଦାମ ଚରଣ ସାମଲ ବିସ୍ତୃତ ଆଲୋଚନା କରିଥିଲେ କ୍ଷ ସର୍ଭେ ସମୟରେ ଭୋଟର ତାଲିକା ସମ୍ପର୍କିତ ତଥ୍ୟର ସଠିକତା ଓ ପାରଦର୍ଶିତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମାଷ୍ଟର ଟ୍ରେନରମାନେ ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ କର୍ମଚାରୀ ଓ କ୍ଷେତ୍ରସ୍ତରୀୟ ଟିମ୍‌ଗୁଡ଼ିକୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିବେ। ବୈଠକରେ ସର୍ଭେ କାର୍ଯ୍ୟକୁ ସମୟବଦ୍ଧ, ନିର୍ଭୁଲ ଓ ସୁସଂଗଠିତ ଭାବେ ସମ୍ପାଦନ କରିବା ସହିତ ଜନସାଧାରଣଙ୍କ ସହଯୋଗ ନେଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# କେନ୍ଦ୍ରାପଡା ବ୍ଲକ କଂଗ୍ରେସର ବିଶାଳ ସାଂଗଠନିକ ସମାବେଶ

**କେନ୍ଦ୍ରାପଡ଼ା,:** କେନ୍ଦ୍ରାପଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ବାରଙ୍ଗଠାରେ ଏକ ବ୍ଲକସ୍ତରୀୟ ସାଙ୍ଗଠନିକ ସମାବେଶ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଦଳକୁ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ଏବଂ ୨୦୨୯ ସାଧାରଣ ନିର୍ବାଚନରେ କଂଗ୍ରେସର ବିଜୟ ଲକ୍ଷ୍ୟ ନେଇ ଏହି ସମାବେଶ ଆୟୋଜିତ ହୋଇଥିଲା। ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପଞ୍ଚାୟତସ୍ତରରେ ଦଳୀୟ ଭିତ୍ତିଭୂମିକୁ ମଜବୁତ କରିବା, କର୍ମୀଙ୍କ ମଧ୍ୟରେ ଏକତା ଓ ସମନ୍ୱୟ ରକ୍ଷା କରି ଲୋକଙ୍କ ସମସ୍ୟା ସହ ଯୋଡ଼ିହେବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତରୁ ଆସିଥିବା କଂଗ୍ରେସ ସଭାପତିମାନଙ୍କୁ ଡ. ମଲ୍ଲିକ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ୧୦ କେଜି ଗଞ୍ଜେଇ ସହ କାର ଜବତ, ୩ ଜଣ ଅଭିଯୁକ୍ତ ଗିରଫ



ରେଢ଼ାଖୋଲ (ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ଚଢାଉ କରି ବେଆଇନ ଚୋରା ଚାଲାଣ ଗଞ୍ଜେଇ ସହ ଏକ କାର ଜବତ କରି ୩ ଜଣ ଅଭିଯୁକ୍ତ ଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ମଧ୍ୟପ୍ରଦେଶ ରାଜ୍ୟର ସିଦ୍ଧି ଜିଲ୍ଲା ଅଞ୍ଚଳର ରାଜ କୁମାର ସକେତ(୨୪), ରାହୁଲ ସଜେତ୍(୨୬) ଓ ରାଜ୍ୟ ଛତିଶଗଡ଼ ଜିଲ୍ଲା କୋରିୟା ଥାନା ଭଗବାନପୁର ଅଞ୍ଚଳର ଦେବିଲାଲ ସିଂ(୪୦)। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ରାଜେଶ ପଟେଲଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀ ମାନେ କେଳାକଟା ଅଞ୍ଚଳରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଏକ ମାରୁତି ସୁଜୁକି କାର ଜେଏଚ ୧୦ ବିକ୍ୟୁ ୩୩୭୩ ନମ୍ବର ବିଶିଷ୍ଟ ଗାଡି ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ କରି ଅଟକାଇ ଯାଞ୍ଚ କରିଥିଲେ। ଏଥିରେ ଗାଡି ଭିତରୁ ଏକ ବସ୍ତାରେ ୧୦ କେଜି ବେଆଇନ ଗଞ୍ଜେଇ ଜବତ କରିଥିବା ବେଳେ ଉକ୍ତ ତିନି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ଏଥିରେ ଗଞ୍ଜେଇ ବେଆଇନ ଭାବେ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଉକ୍ତ ତିନି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ତାଳପଦା ବିଟ୍‌ରେ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର ତାଳପଦା ବିଟ୍‌ରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହିତ ପରିବେଶର ସନ୍ତୁଳନ ବଜାୟ ରଖିବା ଏବଂ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା, ତାଳପଦା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ସାହେବ ସାମାଡ଼, ସମାଜସେବୀ ସତ୍ୟାନନ୍ଦ ପଲେଇ ଏବଂ ସାମ୍ବାଦିକ ଶରତ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଏବଂ ପରିବେଶର ସୁରକ୍ଷା ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। ଏହି ଅବସରରେ ବନ୍ୟପ୍ରାଣୀମାନେ ପ୍ରକୃତିର ଅମୂଲ୍ୟ ସମ୍ପଦ ହୋଇଥିବାରୁ ସେମାନଙ୍କ ସୁରକ୍ଷା ଦିଗରେ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବନ୍ୟପ୍ରାଣୀଙ୍କ ସ୍ୱାଭାବିକ ଆବାସସ୍ଥଳୀ ପ୍ରଭାବିତ ହେଉଛି। ଏହା ସହିତ ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ସଂଘର୍ଷର ଆଶଙ୍କା ମଧ୍ୟ ବଢୁଛି। ତେଣୁ ଜଙ୍ଗଲ ସୁରକ୍ଷା କରିବା, ବନ୍ୟପ୍ରାଣୀଙ୍କ ଶିକାର ରୋକିବା ଏବଂ ବନ୍ୟଜନ୍ତୁଙ୍କ ଆବାସସ୍ଥଳୀକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକେ ବନ୍ୟପ୍ରାଣୀଙ୍କ ଗତିବିଧି ଦେଖିଲେ ସତର୍କ ରହିବା ସହ ନିଜ ଆଡୁ ସେମାନଙ୍କୁ ଆକ୍ରମଣ କିମ୍ବା ଉତ୍ତେଜିତ ନକରିବା ଉଚିତ। କୌଣସି ବନ୍ୟପ୍ରାଣୀ ଗାଁ କିମ୍ବା ଜନବସତି ନିକଟକୁ ଆସିଲେ ତୁରନ୍ତ ବନ ବିଭାଗକୁ ଖବର ଦେବା ସହ ବିଭାଗୀୟ କର୍ମଚାରୀଙ୍କୁ ସହଯୋଗ କରିବା ଉପରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ବନ୍ୟପ୍ରାଣୀ ଓ ମଣିଷ ପରସ୍ପରର ପରିପୂରକ। ପ୍ରକୃତିର ସନ୍ତୁଳନ ରକ୍ଷା କରିବା ପାଇଁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ। ଏଥିପାଇଁ କେବଳ ବନ ବିଭାଗ ନୁହେଁ, ବରଂ ସ୍ଥାନୀୟ ଜନସାଧାରଣ, ଯୁବଗୋଷ୍ଠୀ ଓ ସମାଜର ସମସ୍ତ ବର୍ଗର ଲୋକଙ୍କ ସକ୍ରିୟ ଭାଗୀଦାରି ଆବଶ୍ୟକ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ।

# ୧୨ କେଜି ଗଞ୍ଜେଇ ଜବତ,ଦୁଇ ଯୁବକ ଗିରଫ



ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଲାଣ ବିରୋଧରେ ପୁଲିସକୁ ସଫଳତା ମିଳିଛି। ଆଜି ଭୋର ସମୟରେ କାମିଟିପଙ୍ଗା ହନୁମାନ ମନ୍ଦିର ନିକଟରେ ଚଢ଼ାଉ କରି ପୁଲିସ ୧୨ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଯୁବକଙ୍କୁ ଗିରଫ କରିଛି।ଗିରଫ ଯୁବକଦ୍ୱୟ ହେଲେ ପୁରୀ ଜିଲ୍ଲା ଗଡ଼ିଶାଗୋଦା ଥାନା ଅନ୍ତର୍ଗତ କଣାପୁର ଗ୍ରାମର ବିଶ୍ୱଭୂଷଣ ବରାଳ ଓରଫ ବାବୁ (୧୯) ଏବଂ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ମଞ୍ଜରିଆ ଗ୍ରାମର ଅବିନାଶ ଭୋଇ ଓରଫ ଅଭି (୧୯)। ଉଭୟ ଏକ ଧଳା ରଙ୍ଗର ବଜାଜ ପଲସର ମୋଟରସାଇକେଲରେ ଗଞ୍ଜେଇ ନେଇ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଧରିଥିଲା।ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ବିରେନ୍ଦ୍ର କୁମାର ଦେହୁରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏହି ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୧୨ କେଜି ଗଞ୍ଜେଇ ସହ ଦୁଇଟି ମୋବାଇଲ ଫୋନ୍ ଓ ଗୋଟିଏ ବଜାଜ ପଲସର ମୋଟରସାଇକେଲ ଜବତ କରାଯାଇଛି।ଏ ସଂକ୍ରାନ୍ତରେ ବାଣିଗୋଛା ଥାନାରେ କେସ୍ ନମ୍ବର ୧୩୧, ତାରିଖ ୦୯.୧୦.୨୦୨୬ରେ ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି)(ସସ)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# କାଉଡୋଲାରେ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ




ରାଇଘର(ମହାଭାରତ) କାଉଡୋଲା,ଆଞ୍ଚଳିକ ସାଧନ କେନ୍ଦ୍ର, କାଉଡୋଲା ଅଧୀନରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି।ଉଦ୍‌ଘାଟନୀ ଉତ୍ସବରେ କାଉଡୋଲା ସରପଞ୍ଚ ଦେଉଳିବାଇ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଚିତ୍ର କୁମାର ସାମନ୍ତରାୟ, ସାଗର କୁମାର ପରିଡ଼ା ଓ କମଲେଶ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।ଏହି ମହୋତ୍ସବରେ କେନ୍ଦ୍ର ଅଧୀନସ୍ଥ ୧୦ଟି ବିଦ୍ୟାଳୟର କନିଷ୍ଠ, ବରିଷ୍ଠ ଓ ଋଖଘ ବର୍ଗର ମୋଟ ୧୮୦ ଜଣ ଛାତ୍ରଛାତ୍ରୀ ୨୪ଟି ପ୍ରତିଯୋଗିତାରେ ଭାଗ ନେଇ ନିଜ ପ୍ରତିଭା ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ।ଉଦ୍‌ଯାପନୀ ଉତ୍ସବରେ ଦେବଦାସ ଗଣ୍ଡ ମୁଖ୍ୟ ଅତିଥି ଓ ରମେଶ ହାଲବା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ରାମସିଂ ଗଣ୍ଡ, ହିମାଂଶୁ ଶେଖର ଦାସ, ସମର ରାୟ, ନାଗିତା ଟାକରି ଓ ଅନ୍ୟ ଅତିଥିମାନେ ଶିଶୁମାନଙ୍କ ସାମଗ୍ରିକ ବିକାଶ ଓ ଲୁକ୍କାୟିତ ପ୍ରତିଭାର ବିକାଶରେ ଏପରି ମହୋତ୍ସବର ଗୁରୁତ୍ୱ ରହିଥିବା ମତ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ ଶାନ୍ତିଲତା ଗଣ୍ଡ ସଭାପତିତ୍ୱ କରିଥିବା ବେଳେ ଅଶୋକ କୁମାର ପ୍ରଧାନ ମଞ୍ଚ ପରିଚାଳନା ଓ ପ୍ରଦ୍ୟୁମ୍ନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରକାଶ ସାମଲଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଝଗଉ ସଦସ୍ୟମାନେ ସହଯୋଗ କରିଥିଲେ।ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ଅଞ୍ଚଳର ଶିକ୍ଷାପ୍ରେମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।

### ବଦଳିବ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ନାଁ

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାଁରେ ହେବ ନାମିତ




**ନୂଆଦିଲ୍ଲୀ,୧୦।୧୦:** ବଦଳିବ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ନାଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁରେ ନାମିତ ହେବ ଏହି ବିମାନବନ୍ଦର। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁକ୍ରବାର କରିଛନ୍ତି ଏହି ଘୋଷଣା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉତ୍ତର ପ୍ରଦେଶକୁ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ଭଳି ଉପହାର ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି କ୍ୟାବିନେଟ୍‌ର ସମସ୍ତ ସଦସ୍ୟ। ଏହା ସହିତ ଜେୱରସ୍ଥିତ ଏହି ବିମାନବନ୍ଦରର ନାଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁରେ କରିବାକୁ ଆସିଥିବା ପ୍ରସ୍ତାବ ଉପରେ ମୋହର ମାରିଛି କ୍ୟାବିନେଟ୍। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ଏହି ବିମାନବନ୍ଦର ଉତ୍ତର ପ୍ରଦେଶର ସର୍ବବୃହତ୍ତ ତଥା ଦେଶର ଏକ ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ହେବାକୁ ଯାଉଛି। ଚଳିତ ବର୍ଷ ମାର୍ଚ୍ଚ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ଉଦ୍‌ଘାଟନ କରିଥିଲେ। ଜୁନ୍ ୧୫ରେ ଏଠାରେ ପ୍ରଥମ ଥର ପାଇଁ ବିମାନ ଅବତରଣ କରିଥିଲା। ଲକ୍ଷ୍ନୌରୁ ଆସିଥିବା ଏକ ଇଣ୍ଡିଗୋ ବିମାନ ଏଠାରେ ପ୍ରଥମେ ଅବତରଣ କରିଥିଲା। ନ୍ୟାଶନାଲ କ୍ୟାପିଟାଲ ରିଜିଅନ ବା ଏନ୍‌ସିଆରରେ ଏହା ହେଉଛି ଦ୍ୱିତୀୟ ଅନ୍ତର୍ଜାତୀୟ ବିମାନବନ୍ଦର। ୧୧,୨୮୨ କୋଟି ଟଙ୍କାରେ ଏହି ବିମାନବନ୍ଦରକୁ ନିର୍ମାଣ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବାର୍ଷିକ ଏହି ବିମାନବନ୍ଦର ଉପରେ ୧.୨ କୋଟି ଯାତ୍ରୀ ନିର୍ଭର କରିବେ ବୋଲି ଆକଳନ କରାଯାଇଥିବା ବେଳେ ଆଗାମୀ କିଛି ବର୍ଷରେ ଏହି ସଂଖ୍ୟା ୭ କୋଟି ଛୁଇଁବ ବୋଲି ଲକ୍ଷ୍ୟ ରଖାଯାଇଛି।

## ସିଜେପି ଆନ୍ଦୋଳନ ପାଇଁ ଦିଲ୍ଲୀ ମେଟ୍ରୋ ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୦।୧୦:** ରାଜଧାନୀ ଦିଲ୍ଲୀରେ ଶନିବାର କକ୍ରୋଚ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ବଡ଼ଧରଣ ପ୍ରଦର୍ଶନ ହେବାକୁ ଥିବାବେଳେ ଆସନ୍ତାକାଲି ଦିଲ୍ଲୀ ମେଟ୍ରୋର ୫୭ଟି ଷ୍ଟେସନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଦିଲ୍ଲୀ ପୁଲିସର ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ଗମ୍ଭୀର ଆପତ୍ତି ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଏହି ପଦକ୍ଷେପ ସେବା ବ୍ୟବହାର କରିବାର ଅଧିକାରପ୍ରାପ୍ତ ନାଗରିକଙ୍କ ଅଧିକାରକୁ ପ୍ରଭାବିତ କରିବ।

ଦିଲ୍ଲୀ ପୁଲିସ ସିଜେପି ପ୍ରଦର୍ଶନକୁ ଅନୁମତି ଦେଇନାହିଁ। ଇତିମଧ୍ୟରେ ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଅନୁମତି ପାଇଁ କରାଯାଇଥିବା ଆବେଦନର ଶୁଣାଣି ହୋଇଥିଲା। ଶୁଣାଣି ପୂର୍ବରୁ ସର୍ବୋଚ୍ଚ ଅଦାଲତ କହିଥିଲେ ଯେ, ପ୍ରତିବାଦ କରିବାର ଅଧିକାର ଓ ଅନ୍ୟ ନାଗରିକଙ୍କ ଅଧିକାର ମଧ୍ୟରେ ଏକ ସନ୍ତୁଳନ ରହିବା ଆବଶ୍ୟକ। ସିଜେଆଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କପିଲ ସିବଲ, ଅଭିଷେକ ମନୁ ସିଂଘଭି, ପ୍ରଶାନ୍ତ ଭୂଷଣ ଓ ବୃନ୍ଦା ଗ୍ରୋଭରଙ୍କ ସମେତ ବରିଷ୍ଠ ଓକିଲଙ୍କ ଉପସ୍ଥାପନ ଶୁଣିଥିଲେ, ଯେଉଁମାନେ ଶନିବାରର ପ୍ରତିବାଦ ପୂର୍ବରୁ ପୁଲିସ ଦ୍ୱାରା ଲାଗୁ କରାଯାଇଥିବା ବ୍ୟାପକ କଟକଣା ଉପରେ ପ୍ରଶ୍ନ ଉଠାଇଥିଲେ।



ଦିଲ୍ଲୀ ମେଟ୍ରୋର ୫୭ଟି ଷ୍ଟେସନ ବନ୍ଦ କରିବା ନିଷ୍ପତ୍ତି ଉପରେ ସିଜେଆଇ ସୂର୍ଯ୍ୟକାନ୍ତ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମେ ମେଟ୍ରୋ ସେବା ବନ୍ଦ ହେବା ନେଇ ଚିନ୍ତିତ। ଗ୍ରେଟର ନୋଏଡା ଓ ଦକ୍ଷିଣ ଦିଲ୍ଲୀରୁ ଜୀବିକା ନିର୍ବାହ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଯାତ୍ରୀ, ଛାତ୍ର, ସାଧାରଣ ନାଗରିକଙ୍କ ପକ୍ଷରୁ ଆମେ କହୁଛୁ ଯେ, ଏହାକୁ ବନ୍ଦ କରାଯିବା ଉଚିତ୍ ନୁହେଁ। ଆପଣ ସବୁକିଛି ବନ୍ଦ କରିପାରିବେ ନାହିଁ। ମେଟ୍ରୋର ଫ୍ରିକ୍ୱେନ୍ସି ହ୍ରାସ କରି ଏହାକୁ ନିୟନ୍ତ୍ରିତ ଭାବେ ଚଳାଚଳ କରାଯାଇପାରିବ। ସମ୍ପୂର୍ଣ୍ଣ ବନ୍ଦ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ବରିଷ୍ଠ ଓକିଲ ଗୋପାଳ ଶଙ୍କରାନାରାୟଣନ ଯୁକ୍ତି ଦେଇଥିଲେ ଯେ, ମେଟ୍ରୋ ଷ୍ଟେସନ ବନ୍ଦ ହେବା ଓ ଟ୍ରେନ ବାତିଲ ହେବା ଦ୍ୱାରା କେବଳ ପ୍ରତିବାଦରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଯାତ୍ରୀମାନେ ନୁହେଁ, ବରଂ ଲକ୍ଷ ଲକ୍ଷ ଯାତ୍ରୀ ପ୍ରଭାବିତ ହେବେ। ସେ କହିଥିଲେ ଯେ, ନାଗରିକମାନଙ୍କର ଗତିବିଧିର ସ୍ୱାଧୀନତା ଓ ସାର୍ବଜନୀନ ପରିବହନର ଅଧିକାର ଅଛି।

### ସିଜେପିର ଆନ୍ଦୋଳନ ପାଇଁ ଦିଲ୍ଲୀରେ କଡ଼ା ସୁରକ୍ଷା

ଶୁକ୍ରବାର ରାତି ୯ଟାରୁ ଦିଲ୍ଲୀ ମେଟ୍ରୋର ୫୭ଟି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ଗେଟ୍ ବନ୍ଦ ରଖିବା ସହ ଟ୍ରେନ ଚଳାଚଳର ବେଗ କମାଇବା ପାଇଁ ଦିଲ୍ଲୀ ପୁଲିସ ପକ୍ଷରୁ ଦିଲ୍ଲୀ ମେଟ୍ରୋ ରେଲ କୋର୍ପୋରେସନ (ଡିଏମଆରସି)କୁ ଚିଠି ଲେଖି ଅନୁରୋଧ କରାଯାଇଛି। ଶନିବାର ଅକ୍ଟୋବର ୧୦ ତାରିଖରେ ଜନ୍ତର ମନ୍ତରଏବଂ ନୂଆଦିଲ୍ଲୀର ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ହେବାକୁ ଥିବା ପ୍ରତିବାଦ ସଭା ଓ ପଦଯାତ୍ରାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏହି କଟକଣା ପ୍ରସ୍ତାବ ଦିଆଯାଇଛି। ପୁଲିସ ପରିବହନ ବାହିନୀର ଯୁଗ୍ମ କମିଶନରଙ୍କ ପକ୍ଷରୁ ଅକ୍ଟୋବର ୮ ତାରିଖରେ ଡିଏମଆରସି ପରିଚାଳନା ନିର୍ଦ୍ଦେଶକ ବିକାଶ କୁମାରଙ୍କୁ ଲେଖାଯାଇଥିବା ଏହି ଚିଠି ଅନୁଯାୟୀ, ଅକ୍ଟୋବର ୯ ରାତିରୁ ଆରମ୍ଭ ହୋଇ ଅକ୍ଟୋବର ୧୦ ତାରିଖ ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିପାରେ। ଏହି କଟକଣା ପରିସରରେ ଜନପଥ, ପଟେଲ ଚୌକ, ସେଣ୍ଟ୍ରାଲ ସେକ୍ରେଟାରିଏଟ, ରାଜୀବ ଚୌକ, ନୂଆଦିଲ୍ଲୀ, ମଣ୍ଡି ହାଉସ, ଆଇଟିଓ, ଦିଲ୍ଲୀ ଗେଟ, ସୁପ୍ରିମକୋର୍ଟ, କାଶ୍ମୀର ଗେଟ, କରୋଲ ବାଗ, ଆଇଏନଏ, ହାଉଜ ଖାସ ଏବଂ ଲାଜପତ ନଗର ଭଳି ୫୭ଟି ପ୍ରମୁଖ ମେଟ୍ରୋ ଷ୍ଟେସନ ରହିଛି। ବିଶେଷ କରି କେନ୍ଦ୍ରୀୟ ଦିଲ୍ଲୀ, ଦକ୍ଷିଣ ଦିଲ୍ଲୀ, ଉତ୍ତର ଦିଲ୍ଲୀ ଏବଂ ପୂର୍ବ ଦିଲ୍ଲୀର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଅପ୍ରୀତିକର ପରିସ୍ଥିତି ଏବଂ ଅନିୟନ୍ତ୍ରିତ ଜନସମାଗମକୁ ରୋକିବା ପାଇଁ ପୁଲିସ ଏହି ପଦକ୍ଷେପ ନେଇଛି। ପ୍ରକାଶଯୋଗ୍ୟ ଯେ, ନିର୍ବାଚନ ଆୟୋଗଙ୍କ ପକ୍ଷରୁ କରାଯାଉଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି 'କୋକ୍ରୋଚ ଜନତା ପାର୍ଟି' (ସିଜେପି) ପକ୍ଷରୁ ଅକ୍ଟୋବର ୧୦ରେ 'ଚଲୋ ଦିଲ୍ଲୀ' ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଛି।

## ଫ୍ଲାଏଦୁବାଇ କ୍ୟାପଟେନ୍ ସ୍ମିତ୍‌ଙ୍କୁ ଇସ୍ରାଏଲର ସର୍ବୋଚ୍ଚ ବୀରତା ପୁରସ୍କାର



**ନୂଆଦିଲ୍ଲୀ, ୯।୧୦:** ଫ୍ଲାଏଦୁବାଇର ଭାରତୀୟ କ୍ୟାପଟେନ୍ ସ୍ମିତ୍ ମଚ୍ଛାରଙ୍କୁ ଇସ୍ରାଏଲର ବଡ଼ ସମ୍ମାନ । ଇସ୍ରାଏଲ ରାଷ୍ଟ୍ରପତି 'ପ୍ରେସିଡେନସିଆଲ୍ ଆୱାର୍ଡ ଫର ସିଭିଲିୟନ୍ ହିରୋଇଜ୍ମ' (ନାଗରିକ ବୀରତା ପାଇଁ ରାଷ୍ଟ୍ରପତି ପୁରସ୍କାର) ଦେବା ପାଇଁ ଘୋଷଣା କରିଛନ୍ତି । ଏହା ହେଉଛି ନାଗରିକମାନଙ୍କ ପାଇଁ ଦେଶର ସର୍ବୋଚ୍ଚ ବୀରତା ସମ୍ମାନ । ପ୍ଲେନ୍ କକ୍‌ପିଟ୍‌ରେ ଓମାନୀ କୋ-ପାଟଲଟ୍‌ଙ୍କ ଆକ୍ରମଣର ସାହସିକତାର ସହ ମୁକାବିଲା କରି ସ୍ମିତ୍ ମଚ୍ଛାର ୧୭୪ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ଜୀବନ ରକ୍ଷା କରିଥିଲେ । ଫ୍ଲାଏଦୁବାଇ ବିମାନର କକ୍‌ପିଟ୍‌ରେ ଭାରତୀୟ କ୍ୟାପଟେନ୍ ସ୍ମିତ୍ ମଚ୍ଛାରଙ୍କୁ ଓମାନୀ କୋ-ପାଏଲଟ୍ ହମ୍ମାମ ଅଲ୍-ହମ୍ମାମୀ 'କ୍ରସ୍-ଏକ୍ସ' ଦ୍ୱାରା ଆକ୍ରମଣ କରିଥିଲେ । ଗୁରୁତର ଆହତ ହେବା ଏବଂ ବହୁତ ରକ୍ତସ୍ରାବ ହେବା ସତ୍ତ୍ୱେ ଭାରତୀୟ ପାଇଲଟ୍ କକ୍‌ପିଟ୍ ଦ୍ୱାର ଖୋଲିଦେଇଥିଲେ। ଫଳରେ ବିମାନର ଯାତ୍ରୀମାନେ କକ୍‌ପିଟ୍ ଭିତରକୁ ପଶି ଆକ୍ରମଣକାରୀଙ୍କୁ କାବୁ କରିପାରିଥିଲେ । ଇସ୍ରାଏଲୀ ଗୁଇନ୍ଦା ରିପୋର୍ଟ ଅନୁଯାୟୀ, କୋ-ପାଏଲଟ୍ ହମ୍ମାମୀର ମୂଳ ଯୋଜନା ବିମାନ କବଜା କରି ତାକୁ ଟେଲ୍ ଅଭିଭ୍ ନେଇ କୌଣସି କୋଠାରେ ପିଟି ଦେଇ କ୍ରସ୍ କରିବାର ଥିଲା । କ୍ୟାପଟେନ୍ ମଚ୍ଛାରଙ୍କ ବାହାଦୁରୀ ଏହି ବଡ଼ ବିପଦକୁ ଏଡ଼ାଇ ଦେଇଥିଲା । ଏହାପରେ ବିମାନରେ ଥିବା ଅଫ୍-ଡ୍ୟୁଟି ପାଇଲଟମାନେ ନିୟନ୍ତ୍ରଣ ହାତକୁ ନେଇ ସାଉଦି ଆରବରେ ବିମାନଟିକୁ ସୁରକ୍ଷିତ ଅବତରଣ କରାଇଥିଲେ । ବର୍ତ୍ତମାନ ଭାରତୀୟ ପାଇଲଟ୍ ସ୍ମିତ୍ ମଚ୍ଛାରଙ୍କ ଚିକିତ୍ସା ୟୁଏଇର ଏକ ହସ୍ପିଟାଲରେ ଚାଲିଛି । ଇସ୍ରାଏଲ୍ ରାଷ୍ଟ୍ରପତି ଆଇଜାକ୍ ହରଜୋଗ କହିଛନ୍ତି, 'ଆଜି ଆମେ ଯେଉଁ ଇସ୍ରାଏଲୀ ନାୟକମାନଙ୍କୁ ସମ୍ମାନିତ କରୁଛୁ, ସେହିପରି ଭାରତର କ୍ୟାପଟେନ୍ ସ୍ମିତ୍ ମଚ୍ଛାରଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛୁ । କ୍ୟାପଟେନ୍ ମଚ୍ଛାରଙ୍କ ଅଦ୍ଭୁତ ସାହସ ଏକ ବଡ଼ ଦୁର୍ଘଟଣାକୁ ଟାଳିବାରେ ସାହାଯ୍ୟ କରିଛି । ଯେତେବେଳେ ସେ ସୁସ୍ଥ ହୋଇଯିବେ, ଇସ୍ରାଏଲ୍ ଜନସାଧାରଣଙ୍କ ପକ୍ଷରୁ ତାଙ୍କୁ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିବା ମୋ ପାଇଁ ଗର୍ବର ବିଷୟ ହେବ ।'

## ଛତିଶଗଡ଼ର ସୁକମାରେ ବିସ୍ଫୋରକ ନଷ୍ଟ ବେଳେ ୪ ସିଆରପିଏଫ ଯବାନ ଆହତ : ୨ ଗୁରୁତର



**ନୂଆଦିଲ୍ଲୀ,୧୦।୧୦:** ଗୁରୁବାର ସନ୍ଧ୍ୟାରେ ଛତିଶଗଡ଼ର ସୁକମା ଜିଲ୍ଲାରେ ଅବ୍ୟବହୃତ ବିସ୍ଫୋରକ ସାମଗ୍ରୀକୁ ସୁରକ୍ଷିତ ଭାବେ ନଷ୍ଟ କରାଯାଉଥିବା ସମୟରେ ଏକ ଆକସ୍ମିକ ବିସ୍ଫୋରଣ ଘଟି ୪ ଜଣ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ) ଯବାନ ଆହତ ହୋଇଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭେଜି ପୁଲିସ ଷ୍ଟେସନ ପରିସରଭୁକ୍ତ ଏଲାରମାଡଗୁ ସୁରକ୍ଷା କ୍ୟାମ୍ପ ନିକଟରେ ଏହି ଦୁର୍ଘଟଣା ଘଟିଛି। କୋଣ୍ଟା ରେଞ୍ଜ ଅଧୀନରେ ଥିବା ଏହି ସୁରକ୍ଷା କ୍ୟାମ୍ପଗୁଡ଼ିକୁ ଯାଞ୍ଚ କରିବା ଏବଂ ପୁରୁଣା ବିସ୍ଫୋରକ ନଷ୍ଟ କରିବା ପାଇଁ ଜଗଦଲପୁରରୁ ସିଆରପିଏଫର ୫୦ତମ ବାଟାଲିୟନର ଏକ ଅମ୍ୟୁନିସନ ଟେକ୍ନିକାଲ ଟିମ୍ (ଏସିସି) ଆସିଥିଲା। ନିର୍ଦ୍ଧାରିତ ସୁରକ୍ଷା ନିୟମାବଳୀ ଅନୁସରଣ କରି କ୍ୟାମ୍ପଠାରୁ ପ୍ରାୟ ୨୦୦ ମିଟର ଦୂର ବୋଡରାଜପଦର ନାଳ ନିକଟରେ ଏହି କାର୍ଯ୍ୟ ଚାଲିଥିବା ବେଳେ ହଠାତ ଏକ ବିସ୍ଫୋରକର ଖଣ୍ଡ ଛିଟିକି ପଡ଼ି ନିକଟରେ ବିସ୍ଫୋରଣ ଘଟିଥିଲା। ଏହି ସୁରକ୍ଷା ଅପରେସନରେ ନିୟୋଜିତ ଥିବା ସିଆରପିଏଫ ୫୦ତମ ବାଟାଲିୟନର ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର ଏମ କେ ତିୱାରୀ, ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର ଅନିସ ଖାନ, ଇନ୍ସପେକ୍ଟର ଅମରନାଥ ମିଶ୍ର ଏବଂ ହେଡ କନଷ୍ଟେବଳ କୁଳଦୀପ ରାଜ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ଏଏସଆଇ ଗୁରୁତର ଭାବେ ଆହତ ହୋଇଥିବା ପୁଲିସ ଅଫିସର ସୂଚନା ଦେଇଛନ୍ତି। ଆହତ ଯବାନମାନଙ୍କୁ ଘଟଣାସ୍ଥଳରେ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ କୋଣ୍ଟାସ୍ଥିତ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଆହତ ଦୁଇ ଯବାନଙ୍କୁ ଉନ୍ନତମାନର ଚିକିତ୍ସା ପାଇଁ ଅନ୍ୟ ଏକ ବଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଉଛି।

## ମେକ୍ସିକୋ ଜେଲ୍‌ରେ ଭୀଷଣ ଦଙ୍ଗା: ୧୦ ମୃତ, ୧୬ ଆହତ

**ମେକ୍ସିକୋ,୧୦।୧୦:** ମେକ୍ସିକୋର ହିଂସାପ୍ରବଣ ରାଜ୍ୟ ସିନାଲୋଆରେ ଗୁରୁବାର ଏକ ଜେଲରେ ଭୀଷଣ ଦଙ୍ଗା ଘଟି ନଅ ଜଣ କଏଦୀ ଓ ଜଣେ ପରିଦର୍ଶକଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ ସୁରକ୍ଷା କାର୍ଯ୍ୟାଳୟ କହିଛି। ଏହି ଘଟଣାରେ ୧୬ ଜଣ କଏଦୀ ମଧ୍ୟ ଆହତ ହୋଇଛନ୍ତି। ସୁରକ୍ଷା କାର୍ଯ୍ୟାଳୟ ଏକ ବିବୃତିରେ କହିଛି ଯେ, ହିଂସାର କାରଣ ଜାଣିବା ପାଇଁ ପବ୍ଲିକ ପ୍ରସିକ୍ୟୁଟରମାନେ ତଦନ୍ତ କରିବେ। ରାଜ୍ୟ ସୁରକ୍ଷା ମୁଖପାତ୍ରଙ୍କ କାର୍ଯ୍ୟାଳୟ କହିଛି ଯେ, ଗୁଳିବିନିମୟରେ ତିନି ଜଣ ପୁଲିସ ଅଧିକାରୀ ଓ ଚାରି ଜଣ କଏଦୀଙ୍କ ମୃତ୍ୟୁ ହୋଇଥିଲା, ଅନ୍ୟପକ୍ଷରେ ଛଅ ଜଣ ପୁଲିସ ଅଧିକାରୀ ଓ ସାତ ଜଣ କଏଦୀ ଆହତ ହୋଇଥିଲେ। ଜେଲ ଭିତରେ କଏଦୀମାନେ କୌଣସି ପ୍ରକାରେ ବନ୍ଧୁକ ପାଇ କର୍ତ୍ତୃପକ୍ଷଙ୍କ ସହ ଲଢ଼ିଥିଲେ। ମେକ୍ସିକୋର ଜାତୀୟ ମାନବାଧିକାର କମିସନ ବୁଧବାର କହିଛନ୍ତି ଯେ, ଜେଲ୍‌ର ଭିତ୍ତିଭୂମି ଓ କଏଦୀମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପାଇଁ ସେମାନେ ଜେଲକୁ ଏକ ପ୍ରତିନିଧିମଣ୍ଡଳୀ ପଠାଇଥିଲେ। କମିସନ କହିଛନ୍ତି ଯେ, ଏହା ୨୦୧୬ ରେ ଜେଲ୍‌ର ଅବସ୍ଥା ଉପରେ ଅଡିଟ୍ କରି ଅନେକ ସମସ୍ୟା ଚିହ୍ନଟ କରିଥିଲା, ଯେଉଁଥିରେ ଅତ୍ୟଧିକ ଭିଡ଼, ଅପର୍ଯ୍ୟାପ୍ତ ତଦାରଖ, ଅପର୍ଯ୍ୟାପ୍ତ କର୍ମଚାରୀ, ଖରାପ ସ୍ୱାସ୍ଥ୍ୟସେବା ଓ କଏଦୀମାନଙ୍କ ମନମୁଖୀ କାର୍ଯ୍ୟ ଅନ୍ତର୍ଭୁକ୍ତ। ସିଉଡାଡ୍ ଭିକ୍ଟୋରିଆ ଜେଲ୍‌ରେ ବାରମ୍ବାର ଗୁଳିକାଣ୍ଡ, ବନ୍ଧୁକ ଚୋରା ଚାଲାଣ, ଦଙ୍ଗା ଓ କଏଦୀ ଫେରାର ହୋଇଯିବା ପରି ଘଟଣା ଦେଖିବାକୁ ମିଳିଥାଏ।

## ଭୟଙ୍କର ଦୁର୍ଘଟଣା, ଚାଲିଗଲା ୭ ଜୀବନ

**ଗୁଜୁରାଟ,୧୦।୧୦:** ଗୁଜୁରାଟର କଚ୍ଛ ଜିଲ୍ଲାରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଖାଭଡା ସୋଲାର ପାର୍କ ଅଞ୍ଚଳରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି । ସୂଚନାନୁଯାୟୀ, ଶ୍ରମିକମାନେ ବୋଲେରୋରେ ଯାତ୍ରା କରୁଥିଲେ, ଯାହାକୁ ଟ୍ରଲର ଜୋରଦାର ଧକ୍କା ଦେଇଥିଲା । ଦୁର୍ଘଟଣାଗ୍ରସ୍ତ ହୋଇଥିବା ବୋଲେରୋରେ ଥିବା ୧୫ ଜଣ ଶ୍ରମିକଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟମାନେ ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ଖାଭଡା ପୋଲିସ ଚେକପୋଷ୍ଟରୁ ସୋଲାର ପାର୍କକୁ ଯାଉଥିବା ରାସ୍ତାରେ ଘଟିଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପଟେ ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ପଠାଯାଇଥିଲା । ମୃତକଙ୍କ ମୃତଦେହକୁ ଖାଭଡା ଅଣାଯାଇଥିଲା ଏବଂ ପୋଷ୍ଟମର୍ଟମ ପାଇଁ ଭୁଜକୁ ନେବା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ଏଥିସହ ଖବର ସମ୍ପର୍କରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମଗ୍ର ଘଟଣାର ତଦନ୍ତ ଆରମ୍ଭ କରିଛି । ବର୍ତ୍ତମାନ ଦୁର୍ଘଟଣାର ତଦନ୍ତ କରାଯାଉଛି ।

## ଦୟାଭାବ ଯୋଗୁଁ ଦେଶରେ ଅପରାଧ ବଢୁଛି: ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ,୧୦।୧୦:** ମୃତ୍ୟୁଦଣ୍ଡକୁ ବାରମ୍ବାର ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରାଯିବା ଓ ଏହା ପରେ ଦୋଷୀଙ୍କ ଅକାଳ ମୁକ୍ତି ଦାବିକୁ ନେଇ ସୁପ୍ରିମ୍‌କୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅଦାଲତର ଅତ୍ୟଧିକ ଦୟାଭାବ ଯୋଗୁଁ ଦେଶରେ ଅପରାଧ ବଢୁଥିଛି ବୋଲି ବିଚାରପତି ଜଷ୍ଟିସ୍ ଦୀପଙ୍କର ଦତ୍ତ ମତ ଦେଇଛନ୍ତି। ଗୁରୁବାର ଏକ ଅକାଳ ମୁକ୍ତି ଆବେଦନର ଶୁଣାଣି ବେଳେ ସେ ଏହି ମୌଖିକ ମନ୍ତବ୍ୟ ଦେଇଥିଲେ। ଜଷ୍ଟିସ୍ ଦତ୍ତ ଓ ଜଷ୍ଟିସ୍ ଶୀଲ ନାଗୁଙ୍କ ଖଣ୍ଡପୀଠ ହରିୟାଣାର ସଞ୍ଜୀବ କୁମାର ନାମକ ଜଣେ ଦୋଷୀଙ୍କ ଆବେଦନର ଶୁଣାଣି କରୁଥିଲେ। ଏକାଧିକ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା ସଞ୍ଜୀବଙ୍କ ଦଣ୍ଡ ପରେ ଆଜୀବନ କାରାଦଣ୍ଡକୁ ହ୍ରାସ କରାଯାଇଥିଲା। ଜେଲ୍‌ରେ ୨୦ ବର୍ଷ ବିତାଇବା ପରେ ସେ ହରିୟାଣା ସରକାରଙ୍କ ୨୦୦୨ ମସିହାର କ୍ଷମାଦାନ ନୀତି ଅନୁସାରେ ଅକାଳ ମୁକ୍ତି ଦାବି କରିଥିଲେ। ରାଜ୍ୟ ସରକାର ତାଙ୍କ ଆବେଦନ ଖାରଜ କରିଥିବାବେଳେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଡିସେମ୍ବର ୨୦୨୫ରେ ସେହି ନିଷ୍ପତ୍ତିକୁ ରଦ୍ଦ କରି ମାମଲାର ପୁନର୍ବିଚାର ପାଇଁ କହିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଆବେଦନ ହୋଇଥିଲା। ଜଷ୍ଟିସ୍ ଦତ୍ତ କହିଥିଲେ, ପୂର୍ବରୁ ହତ୍ୟା ଭଳି ଅପରାଧରେ ମୃତ୍ୟୁଦଣ୍ଡ କେବଳ 'ବିରଳରୁ ବିରଳତମ' ମାମଲାରେ ଦିଆଯାଉଥିଲା। ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିବା ପରେ ପୁଣି ଅକାଳ ମୁକ୍ତି ଦାବି କରାଯିବାକୁ ନେଇ ମଧ୍ୟ ଖଣ୍ଡପୀଠ ଆପତ୍ତି ଉଠାଇଥିଲେ। ଏହାକୁ ବୁଝାଇବା ପାଇଁ ଜଷ୍ଟିସ୍ ଦତ୍ତ ଏକ ପୂର୍ବ ମାମଲାର ଉଦାହରଣ ଦେଇଥିଲେ।

### ୟୁକ୍ରେନ୍‌ରେ ରୁଷ୍‌ର ଆକ୍ରମଣ ଜାରି

## ଦୁଇ ଦିନରେ ୭୮ ମୃତ



**କିବ୍,୧୦।୧୦:** ରୁଷ୍ ଆକ୍ରମଣ ବିରୋଧରେ କିବ୍‌କୁ ସାହାଯ୍ୟ କରିବାକୁ ଆମେରିକା ଇଚ୍ଛୁକ ନଥିବା ଗୁରୁବାର ୟୁକ୍ରେନ୍ ରାଷ୍ଟ୍ରପତି ବୋଲ୍‌ଡିମିର ଜେଲେନସ୍କି ଅଭିଯୋଗ କରିଛନ୍ତି। ରୁଷ୍ ଲଗାତାର ଦୁଇଦିନ ହେଲା ୟୁକ୍ରେନ୍ ଉପରେ ଭୀଷଣ ଆକ୍ରମଣ ଜାରି ରଖିଛି। ପୂର୍ବାଞ୍ଚଳ ସହର କ୍ରାମଟୋର୍ସ୍କ ଦୁଇ ଦିନ ଧରି ୟୁକ୍ରେନରେ ହୋଇଥିବା ଆକ୍ରମଣରେ ମୃତ୍ୟୁ ସଂଖ୍ୟା ୭୮କୁ ବୃଦ୍ଧି ପାଇଛି। ଉତ୍ତର ୟୁକ୍ରେନ୍‌ରେ ଥିବା ସହର ପ୍ରିଲୁକିରେ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତାବେଳେ ଜେଲେନସ୍କି କହିଛନ୍ତି, ରୁଷ୍‌ର ଭୀଷଣ ଆକ୍ରମଣ ଯୋଗୁ ସାରା ଦେଶରେ ଗତ ଦୁଇଦିନରେ ୭୮ ଜଣ ଲୋକଙ୍କ ମୃତ୍ୟୁ ଓ ୨୧୫ ଜଣ ଆହତ ହୋଇଛନ୍ତି। କିବ୍‌ଠାରୁ ପ୍ରାୟ ୧୩୦ କିଲୋମିଟର ପୂର୍ବରେ ଥିବା ପ୍ରିଲୁକିରେ ରୁଷ୍‌ର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ଏକ ଆବାସିକ କୋଠାରେ ୨୨ ଜଣଙ୍କ ସମେତ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ଜେଲେନସ୍କି ୱାସିଂଟନକୁ ମସ୍କୋ ସହିତ ସମ୍ଭାବ୍ୟ ଆର୍ଥିକ ସମ୍ପର୍କ ସ୍ଥାପନ କରିବା ପାଇଁ ସମାଲୋଚନା କରିଛନ୍ତି। ଚାରି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧର ଅନ୍ତ ଦିଗରେ କାର୍ଯ୍ୟ କରିବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଦାବି କରିଥିଲେ। ସେ ଷ୍ଟାରଲିଙ୍କ ସାଟେଲାଇଟ୍ ନେଟୱାର୍କକୁ ୟୁକ୍ରେନ୍‌ର ପ୍ରବେଶ ବିସ୍ତାର କରିବାକୁ ଅନୁରୋଧ କରିଥିଲେ ଯାହାଦ୍ୱାରା ଏହାର ସୈନ୍ୟବାହିନୀ ରୁଷ୍‌ର ବାଲିଷ୍ଟିକ୍-କ୍ଷେପଣାସ୍ତ୍ର ଲଞ୍ଚରକୁ ଟାର୍ଗେଟ କରିବାରେ ଓ ବାୟୁ ପ୍ରତିରକ୍ଷାକୁ ସୁଦୃଢ଼ କରିବାରେ ସାହାଯ୍ୟ ପାଇପାରିବେ।

## ଇନଫୋସିସ୍, ଟାଟା, ୱିପ୍ରୋ ଓ ଏଚସିଏଲ୍ ଉପରେ ଆମେରିକାର କଟକଣା

**ନୂଆଦିଲ୍ଲୀ,୧୦।୧୦:** ଆମେରିକାରେ ସ୍ଥାୟୀ ଭାବେ ରହି କାମ କରିବାକୁ ଯୋଜନା କରୁଥିବା ଭାରତୀୟ ଆଇଟି କର୍ମଚାରୀଙ୍କ ପାଇଁ ବଢ଼ିପାରେ ଚିନ୍ତା। ଇନଫୋସିସ୍, ଟାଟା, ୱିପ୍ରୋ, ଏଚସିଏଲ୍ ସମେତ ଅନେକ ବଡ଼ ଆଇଟି କମ୍ପାନୀକୁ ଆମେରିକାର ପ୍ରୋଗ୍ରାମ ଇଲେକଟ୍ରୋନିକ ରିଭ୍ୟୁ ମ୍ୟାନେଜମଣ୍ଟ (ଚରଜଗ) ରୁ ନିଲମ୍ବିତ କରାଯାଇଥିବା ଖବର ସାମ୍ନାକୁ ଆସିଛି। ଏହି ପଦକ୍ଷେପ ଯୋଗୁଁ ସମ୍ପୃକ୍ତ କମ୍ପାନୀଗୁଡ଼ିକରେ କାମ କରୁଥିବା ଏବଂ ଗ୍ରୀନ୍ କାର୍ଡ ପାଇଁ ନୂଆ ଆବେଦନ କରିବାକୁ ଅପେକ୍ଷା କରିଥିବା ଭାରତୀୟ କର୍ମଚାରୀଙ୍କ ପ୍ରକ୍ରିୟା ବିଳମ୍ବିତ ହୋଇପାରେ। ଆମେରିକା ପ୍ରଶାସନର ଅଭିଯୋଗ ଅନୁଯାୟୀ, କେତେକ ଆଇଟି ଆଉଟସୋର୍ସିଂ କମ୍ପାନୀ ଆମେରିକୀୟ କର୍ମଚାରୀଙ୍କ ବଦଳରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ଏବଂ ଏହି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ରହିଛି। ଆମେରିକାର ଶ୍ରମ ମନ୍ତ୍ରୀ କିଥ୍ ସଣ୍ଡରଲିଙ୍ଗଙ୍କ ବୟାନ ଅନୁଯାୟୀ, କଗ୍ନିଜାଣ୍ଟ, ଇନଫୋସିସ୍,




ଟାଟା, ୱିପ୍ରୋ, ଏଚସିଏଲ୍ ଏବଂ କ୍ୟାପଜେମିନି ଭଳି ବଡ଼ ଆଇଟି କମ୍ପାନୀଗୁଡ଼ିକୁ ସ୍ଥାୟୀ ଶ୍ରମ ପ୍ରମାଣନ କାର୍ଯ୍ୟକ୍ରମରୁ ନିଲମ୍ବିତ କରାଯାଇଥିବା କୁହାଯାଇଛି। ଏହାପୂର୍ବରୁ କଗ୍ନିଜାଣ୍ଟ ବିରୋଧରେ ମଧ୍ୟ ଏହି ପ୍ରକ୍ରିୟା ସମ୍ପର୍କିତ ପଦକ୍ଷେପ ଘୋଷଣା କରାଯାଇଥିଲା। ଆଇଟି କମ୍ପାନୀ ବ୍ୟତୀତ ମାଇକ୍ରୋସଫ୍ଟ ଏବଂ ଆଡୋବ୍ ଭଳି କମ୍ପାନୀ ମଧ୍ୟ ଏହି କାର୍ଯ୍ୟକ୍ରମ ସମ୍ପର୍କିତ କଟକଣାର ପରିସରକୁ ଆସିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ବିଦେଶୀ କର୍ମଚାରୀଙ୍କ ନିଯୁକ୍ତି ଓ ଭିସା ପ୍ରକ୍ରିୟା ଉପରେ ଯାଞ୍ଚ ବଢ଼ାଇଥିବା ବେଳେ ଏହି ପଦକ୍ଷେପ ଆମେରିକାରେ କାମ କରୁଥିବା ଭାରତୀୟ ପେସାଦାରଙ୍କ ପାଇଁ ଚିନ୍ତା ପାଲଟିଛି।

ଆମେରିକା ପ୍ରଶାସନର ମତ ହେଉଛି, କେତେକ କମ୍ପାନୀ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଆମେରିକୀୟ ନାଗରିକଙ୍କ ଚାକିରି ସୁଯୋଗକୁ ପ୍ରଭାବିତ କରିଛନ୍ତି। ଏଥିସହ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଏଚ୍-୧ବି ଭିସା ଏବଂ ଚରଜଗ ବ୍ୟବସ୍ଥାର ଅପବ୍ୟବହାର ହୋଇଥିବା ଅଭିଯୋଗ ମଧ୍ୟ ରହିଛି। ଆମେରିକାର ଶ୍ରମ ମନ୍ତ୍ରୀ କହିଛନ୍ତି ଯେ, ନିଯୁକ୍ତି କ୍ଷେତ୍ରରେ ଆମେରିକୀୟ କର୍ମଚାରୀଙ୍କୁ ପ୍ରଥମ ସୁଯୋଗ ଦେବା ଏବଂ ଅନିୟମିତତା ରୋକିବା ସରକାରଙ୍କ ଲକ୍ଷ୍ୟ। ଏହି ଯାଞ୍ଚରେ କମ୍ ବେତନ ଦେବା, ଆବେଦନରେ ଜାଲିଆତି କରିବା ଏବଂ ଆମେରିକୀୟ କର୍ମଚାରୀଙ୍କ ବଦଳରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା ଭଳି ଅଭିଯୋଗର ତଦନ୍ତ କରାଯାଉଛି। ମନ୍ତ୍ରୀଙ୍କ ଦାବି ଅନୁଯାୟୀ, ୨୦୦୯ ମସିହାରୁ ଏହି କମ୍ପାନୀଗୁଡ଼ିକ ପ୍ରାୟ ୩୦ ଲକ୍ଷ ବିଦେଶୀ କର୍ମଚାରୀଙ୍କ ପାଇଁ ସ୍ଥାୟୀ ନିବାସ ସମ୍ପର୍କିତ ସୁଯୋଗ ଦେଇଛନ୍ତି ।

### ଏଲ୍-ନିନୋ ପ୍ରଭାବ

## ଅକ୍ଟୋବରରୁ ଡିସେମ୍ବର ଯାଏ ବଢ଼ିବ ତାପମାତ୍ରା

**ନୂଆଦିଲ୍ଲୀ,୯।୧୦:** ବିଶ୍ୱବ୍ୟାପୀ ପାଣିପାଗ ବିଶେଷଜ୍ଞମାନେ ଏଲ୍ ନିନୋର ପ୍ରଭାବ ବୃଦ୍ଧିକୁ ନେଇ ଚେତାବନୀ ଦେଇଛନ୍ତି । ଅକ୍ଟୋବରରୁ ଡିସେମ୍ବର ଯାଏଁ ଏଲ୍-ନିନୋ କାରଣରୁ ତାପମାତ୍ରା ପ୍ରାୟ ୩.୭ ଡିଗ୍ରୀ ସେଲସିୟସ ଅଧିକ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି। ଏଲ୍ ନିନୋ କେନ୍ଦ୍ରବିନ୍ଦୁ ଥିବା ମଧ୍ୟ ଏବଂ ପୂର୍ବ କ୍ରାନ୍ତୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ସ୍ୱାଭାବିକଠାରୁ ରେକର୍ଡ ୩.୭ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ପାଣିପାଗ ବିଶେଷଜ୍ଞ ଲିଅନ ସିମନ୍ସ ଏହି ପାଣିପାଗ ପରିବର୍ତ୍ତନକୁ ଏକ 'ସୁପର-ଡୁପର ଏଲ୍ ନିନୋ' ବୋଲି କହିଛନ୍ତି । ଚଳିତ ବର୍ଷର ଏହି ପାଣିପାଗ ପରିବର୍ତ୍ତନ ୧୯୫୦ ମସିହା ପରଠାରୁ ଦେଖାଯାଇଥିବା ସବୁଠାରୁ ଶକ୍ତିଶାଳୀ ଘଟଣାଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇପାରେ ବୋଲି ଜାତିସଂଘ କହିଛି। ଜାତିସଂଘର ପାଣିପାଗ ଏବଂ ଜଳବାୟୁ ସଂସ୍ଥା ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲ୍ୟୁଏମ୍ଓ) କହିଛି, ଏଲ୍-ନିନୋ ମାନବ ସୃଷ୍ଟ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଆହୁରି ବଢ଼ାଇଦେବ। ପ୍ରଶାନ୍ତ ମହାସାଗରରୁ ବିପୁଳ ପରିମାଣରେ ଉତ୍ତାପ ବାହାରିବା କାରଣରୁ ପୃଥିବୀର ଏକ ବୃହତ ଅଂଶରେ ଅସ୍ୱାଭାବିକ ଗରମ ଅନୁଭୂତ ହେବ। ଆମେରିକାକୁ ବାଦ୍ ଦେଇ ସବୁଠି ତାପମାତ୍ରା ବୃଦ୍ଧି ପାଇବା ସହିତ ଏଲ୍-ନିନୋ ଶୀତଦିନେ ମଧ୍ୟ ଏହାର 'ସର୍ବୋଚ୍ଚ ଶକ୍ତି' ବଜାୟ ରଖିବ। ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଏଲ୍-ନିନୋ ଜାରି ରହିବ ବୋଲି ଡବ୍ଲ୍ୟୁଏମ୍ଓର ଆକଳନ କରିଛି। ଜଳବାୟୁ ବିଜ୍ଞାନୀ ଜେକ୍ ହାଉସଫାଦର କହିଛନ୍ତି, ଚଳିତ ବର୍ଷର ଏଲ୍ ନିନୋ ଏକ ଅଜଣା ପରିସ୍ଥିତି ଆଡ଼କୁ ମାଡ଼ିଚାଲିଛି। ୨୦୨୬ ଶେଷ ମାସଗୁଡ଼ିକରେ ବିଶ୍ୱର ବୃହତ୍ ଅଂଶରେ ସମୁଦ୍ର ପୃଷ୍ଠର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ହେବାର ସମ୍ଭାବନା ଅଛି। ଚିକାଗୋ ବିଶ୍ୱବିଦ୍ୟାଳୟର କ୍ଲାଇମେଟ ଇମ୍ପାକ୍ଟ ଲାବୋରଟୋରୀର ଗବେଷକମାନେ ଗତ ମାସରେ ପୂର୍ବାନୁମାନ କରିଥିଲେ ଯେ, ଚଳିତ ବର୍ଷର ଏହି 'ସୁପର-ଏଲ ନିନୋ' କାରଣରୁ ଜୁନ ରୁ ଫେବୃଆରୀ ୨୦୨୭ ମଧ୍ୟରେ ବିଶ୍ୱବ୍ୟାପୀ ପ୍ରାୟ ୪,୫୧,୦୦୦ ଅତିରିକ୍ତ ମୃତ୍ୟୁ ଘଟିପାରେ।

ଭୁବନେଶ୍ୱର, ଶନିବାର ୧୦ ଅକ୍ଟୋବର ୨୦୨୬
Bhubaneswar, Saturday 10 October 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ହୋପ୍‌ଙ୍କ ବିସ୍ଫୋରକ ବ୍ୟାଟିଂ : ଜିତିଲା ଇଣ୍ଡିଜ

ରାଞ୍ଚି: ରାଞ୍ଚିରେ ୱେଷ୍ଟଇଣ୍ଡିଜର ଧୂଆଁଦାର ବିଜୟ। ୨୫୦ ରନର ବିଶାଳ ଟାର୍ଗେଟ୍ ଦେଇ ବି ହାରିଲା ଇଣ୍ଡିଆ। ଶୁକ୍ରବାର ରାଞ୍ଚିର ଜେଏସସିଏ ଆନ୍ତର୍ଜାତୀୟ ଷ୍ଟାଡିୟମ କମ୍ପ୍ଲେକ୍ସରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମୁକାବିଲା ଖେଳାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ ୨୪୯ ରନର ବଡ ସ୍କୋର ଛିଡା କରିଥିଲା। ହେଲେ ୱେଷ୍ଟଇଣ୍ଡିଜ୍ ଏହି ଏହି ଟାର୍ଗେଟ୍କୁ ମାତ୍ର ୧୮.୩ ଓଭରରେ ପୂରା କରି ନେଇଛି।

ଦଳ ପକ୍ଷରୁ କ୍ୟାପ୍ଟେନ ଷାଇ ହୋପ୍ ସର୍ବାଧିକ ୧୦୨ ରନ୍ କରିଥିବା ବେଳେ ଶେରରାନ ରଦରଫୋର୍ଡ ୮୪ ରନ୍ କରିଥିଲେ। ଶାଇ ହୋପ୍ ତାଙ୍କ ଇନିଂସରେ ୪୫ ବଲ୍ ଖେଳିଥିଲେ। ଯେଉଁଥିରେ ୯ ଛକା ଓ ୬ ଚୌକା ଥିଲା ସେହିପରି ଶେରଫେନ ରଦରଫୋର୍ଡ ୩୭ ବଲ୍ ଖେଳିଥିବା ବେଳେ ୭ ଲେଖାଏ ଛକା ଓ ଚୌକା ମାରିଥିଲେ।ରନ ଚେଜ୍‌ରେ ୱେଷ୍ଟଇଣ୍ଡିଜର ଆରମ୍ଭରୁ ଖରାପ ପ୍ରଦର୍ଶନ କରିଥିଲା। ଦ୍ରୁତ ବୋଲର ମୟଙ୍କ ଯାଦବ ପ୍ରଥମ ଓଭରରେ କାମିଲ୍ ପୁରନ୍ (୪ ରନ୍) ଏବଂ ଶିମରୋନ୍ ହେଟମାୟର୍ (୦ ରନ୍)ଙ୍କୁ ଆଉଟ୍ କରିଥିଲେ। ମୟଙ୍କ୍ ତା'ପରେ ବିସ୍ଫୋରକ ରୋଭମ୍ୟାନ୍ ପାୱେଲ୍‌ଙ୍କୁ ଆଉଟ୍ କରିଥିଲେ। ପାୱେଲଙ୍କ ଆଉଟ୍ ହେବା ମାତ୍ରେ ୱେଷ୍ଟଇଣ୍ଡିଜ୍ର ସ୍କୋର ୫୮/୩ ଥିଲା। ଏହାପରେ ଭାରତ ପକ୍ଷ ମଜଭୁତ ହୋଇଯାଇଥିଲା। ଲାଗୁଥିଲା ଭାରତ ମୁକାବିଲାକୁ ଜିତି ସିରିଜ୍ କବ୍ଜା କରି ନେବ।ହେଲେ ଶେରଫେନ୍ ରଦରଫୋର୍ଡ ଏବଂ ଅଧିନାୟକ ଶାଇ ହୋପ୍ ୫୪ ବଲ୍‌ରେ ଚତୁର୍ଥ ୱିକେଟ୍ ପାଇଁ ୧୨୦ ରନ୍ର ପାର୍ଟନରସିପ୍ କରି ମ୍ୟାଚ୍ର ମୋଡ଼ ବଦଳାଇ ଦେଇଥିଲେ।ହେଲେ ୧୪.୧ ଓଭର ଖେଳ ବେଳେ ରଦଫୋର୍ଡଙ୍କୁ ୮୪ ରନ୍ର ବ୍ୟକ୍ତିଗତ ସ୍କୋରରେ ଆଉଟ କରି ପାର୍ଟନର୍ସିପ୍ ଭାଙ୍ଗିଥିଲେ ଭାରତୀୟ ବୋଲର କୁଲଦୀପ ଯାଦବ। ହେଲେ ଶାଇ ହୋପ୍ ରୋମାରିଓ ସେଫର୍ଡ(୩୪ଞ୍ଚ)ଙ୍କ ସହ ମିଶି ଶେଷ ପର୍ଯ୍ୟନ୍ତ ଲ??ଇ କରି ଦଳକୁ ବିଜୟୀ କରାଇଥିଲେ। ଚତୁର୍ଥ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୭୪ ରନ୍ର ପାର୍ଟନର୍ସିପ୍ ହୋଇଥିଲା। ଏହି ବିଜୟ ସହ ୱେଷ୍ଟ ଇଣ୍ଡିଜ୍ ୧-୧ରେ ସିରିଜ ବରାବର କରିଛି।



ରାଞ୍ଚିର ଜେଏସସିଏ ଆନ୍ତର୍ଜାତୀୟ ଷ୍ଟାଡିୟମ କମ୍ପ୍ଲେକ୍ସରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମୁକାବିଲା ଖେଳାଯାଉଛି। ଆଜିର ମ୍ୟାଚ୍?ରେ ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରେ ୨୪୯ ରନର ବିଶାଳ ସ୍କ?ର ଛିଡା କରିଥିଲା। ନିମନ୍ତ୍ରଣ ପାଇଁ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଭାରତ ପକ୍ଷରୁ ଓପନର ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ଭଲ ଆରମ୍ଭ କରିଥିଲେ। ଅଭିଷେକ ପୂର୍ବଭଳି ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ସଞ୍ଜୁ ମଧ୍ୟ ପଛରେ ପଡି ନଥିଲେ। ଉଭୟଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୪୨ ରନ୍ ପାର୍ଟନର୍ସିପ୍ ହୋଇଥିଲା। ଏହାପରେ ମାତ୍ର ୨୦ ରନ୍ କରି ଅଭିଶେଷ ଶର୍ମା ରୋଷ୍ଟନ ଚେଜଙ୍କ ଶିକାର ହୋଇଥିଲେ।ଏହିଠାରୁ ଇଶାନ କିଶନ ସଞ୍ଜୁଙ୍କ ସହ ମିଶି ଦଳର ସ୍କ?ରକୁ ଆଗକୁ ବ?ାଇଥିଲେ। ଦ୍ୱିତୀୟ ୱିକେଟ୍ ପାଇଁ ଏମାନଙ୍କ ମଧ୍ୟରେ ମଧ୍ୟ ୯୭ ରନ୍ର ପାର୍ଟନର୍ସିପ୍ ହୋଇଥିଲା। ଏହାରି ମଧ୍ୟରେ ସଞ୍ଜୁ ୨୧ ବଲ୍‌ରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ଇଶାନ କିଶନ ୪୩ ରନ୍ର ବ୍ୟକ୍ତିଗତ ସ୍କ?ରରେ ରୋଷ୍ଟନ ଚେଜଙ୍କ ବଲରେ ଆଉଟ୍ ହୋଇ ପାଭିଲିଅନ ଫେରିଥିଲେ। ଇସାନ ତାଙ୍କ ଇନିଂସରେ ୨୨ ବଲ୍?ରେ ୬ଟି ଚୌକା ଓ ଦୁଇଟି ଛକା ମାରିଥିଲେ।ଏହାପରେ ଦଳୀୟ ସ୍କ?ରକୁ ଦ୍ରୁତ ଗତିରେ ଆଗକୁ ବ?ାଇବା ପାଇଁ ଶିବମ ଦୁବେ ବ୍ୟାଟିଂ କରିବାକୁ ଆସିଥିଲେ। ହେଲେ ଆଜି ତାଙ୍କର ଫ୍ଲପ ଶୋ ଦେଖିବାକୁ ମିଳିଥିଲା। ଶିବମ ମାତ୍ର ୭ ରନ୍ କରି ରୋଷ୍ଟନ ଚେଜ୍?ଙ୍କ ବଲ୍?ରେ ଆଉଟ ହୋଇଥିଲେ। ଏହାପରେ ସଞ୍ଜୁ ସାମସନଙ୍କ ରୂପରେ ୱେଷ୍ଟ ଇଣ୍ଡିଜ୍କୁ ଚତୁର୍ଥ ୱିକେଟ୍ ମିଳିଥିଲା। ତାଙ୍କୁ ସାମର ସ୍ପ୍ରିଙ୍ଗର ଆଉଟ କରିଥିଲେ।ତେବେ ଆଜିର ମ୍ୟାଚ୍?ରେ ସବୁଠାରୁ ବଡ କଥା ହେଲା ସଞ୍ଜୁଙ୍କ ଫର୍ମ ଫେରିଛି। ଗତ ମ୍ୟାଚ୍ଗୁଡିକରେ ଟିମ୍ ଇଣ୍ଡିଆର ଏହି ଓପନର ଲଗାତର ଖରାପ ପ୍ରଦର୍ଶନ କରି ଆସୁଥିଲେ। ହେଲେ ଆଜି ୪୧ ବଲ୍‌ରେ ୮୧ ରନ୍ ଇନିଂସ ଖେଳିଛନ୍ତି। ଯେଁଥିରେ ସେ ୯ଟି ଚୌକା ଓ ୪ ଛକ୍କା ମାରିଛନ୍ତି।ସଞ୍ଜୁ ଆଉଟ ହେବା ପରେ କ୍ୟାପ୍ଟେନ୍ ଶ୍ରେୟସ ଆୟର ଓ ଭାଇସ କ୍ୟାପ୍ଟେନ୍ ତିଳକ ବର୍ମା ଦଳୀୟ ସ୍କ?ରକୁ ଦ୍ରୁତ ଗତିରେ ଆଗକୁ ବ?ାଇଥିଲେ। ଦୁହେଁ ଜବରଦସ୍ତ ବ୍ୟାଟିଂ କରିଥିଲେ। ଶ୍ରେୟସ ୧୮ ବଲ୍?ରେ ୪୦ ରନର କରିଥିବା ବେଳେ ତିଲକ ସମାନ ବଲ୍ ଖେଳି ୪୪ ରନ୍ କରିଛନ୍ତି। ପଞ୍ଚମ ୱିକେଟ୍ ପାଇଁ ଉଭୟ ବ୍ୟାଟରଙ୍କ ମଧ୍ୟରେ ୮୩ ରନ୍ ପାର୍ଟନର୍ସିପ୍ ହୋଇଥିଲା। ଫଳରେ ଭାରତ ୨୪୯ର ବିଶାଳ ସ୍କ?ର ଛିଡା କରିବାରେ ସଫଳ ହୋଇଥିଲା। ସେପଟେ ୱେଷ୍ଟ ଇଣ୍ଡିଜ ପକ୍ଷରୁ ରୋଷ୍ଟନ ଚେଜ୍ ୩ଟି ମହତ୍ୱପୂର୍ଣ୍ଣ ୱିକେଟ୍ ନେଇଥିବା ବେଳେ ଶମର ସ୍ପ୍ରିଙ୍ଗର ଦୁଇଟି ୱିକେଟ୍ ନେଇଥିଲେ।

# ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ରୋହିଦାସଙ୍କୁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର , ୯।୧୦: ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କଓ୍ୱାଲ ଭାରତୀୟ ପୁରୁଷ ହକି ଦଳର ଅଲିମ୍ପିଆନ୍ ଖେଳାଳି ତଥା ପୂର୍ବ ତଟ ରେଳପଥର କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଜାପାନରେ ଅନୁଷ୍ଠିତଏସୀୟ



କ୍ରୀଡ଼ାରେ ଭାରତୀୟ ପୁରୁଷ ହକି ଦଳର ସ୍ୱର୍ଣ୍ଣ ପଦକ ବିଜୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ଫୁଙ୍କଓ୍ୱାଲ ଅମିତ ରୋହିଦାସଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ନିଷ୍ଠା, ସମର୍ପଣ ଭାବ ଓ ଉତ୍କୃଷ୍ଟ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଥିଲେ। ସେ ରୋହିଦାସଙ୍କୁ ଯୁବ ହକି ଖେଳାଳି ତଥା ଭବିଷ୍ୟତର କ୍ରୀଡ଼ାବିତ୍ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଥିଲେ। ଶ୍ରୀ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମହାପ୍ରବନ୍ଧକ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାର ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କର ଅଭିଜ୍ଞତା ଓ ମାର୍ଗଦର୍ଶନ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରିତ କରିବା ସହ ପୂର୍ବ ତଟ ରେଳପଥରେ କ୍ରୀଡ଼ାର ଅଧିକ ପ୍ରସାର ଓ ପ୍ରୋତ୍ସାହନରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ।

## ଗୁରୁଜଙ୍ଗ ପ୍ରିମିୟର ଲିଗ୍

# ବିଏସଏ ଭାଲିଆବାଡ଼ି ଓ ଇଲେଭେନ ଷ୍ଟାର ଯାଆଁଳା ବିଜୟୀ





ଖୋର୍ଦ୍ଧା,୯।୧୦: ଖୋର୍ଦ୍ଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆ ରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍ ର ଆଜିର ଦ୍ୱିତୀୟ ଦିବସ ର ପ୍ରଥମ ମ୍ୟାଚ୍ ରେ ଏଗଲ ସ୍ପର୍ଟି ମେଣ୍ଢାଶାଳ ଭାଲିଆବାଡି କ୍ରିକେଟ ଆସୋସିଏସନ୍ ଖୋର୍ଦ୍ଧା କୁ ଭେଟିଥିଲା।ଟସ୍ ରେ ବିଜୟ ଲାଭ କରି ମେଣ୍ଢାଶାଳ ପ୍ରଥମେ ବ୍ୟାଟିଂ କରି ଦଳ ନିର୍ଦ୍ଧାରିତ ୧୮.୫ ଓଭର ରେ ୧୩୪ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା।

ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ସର୍ବାଧିକ ୩୧ ରନ୍ କରିଥିଲେ।ଭାଲିଆବାଡି ପକ୍ଷରୁ କରନଦୀପ ପଟ୍ଟନାୟକ ୪ ଟି ୱିକେଟ ହାସଲ କରିଥିଲେ।ଜବାବ୍ ରେ ଭାଲିଆବାଡି ୧୪.୩ ଓଭର ରେ ୧୩୮ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ସର୍ବାଧିକ ୪ ଟି ୱିକେଟ ହାସଲ କରିଥିବା କରନଦୀପ ପଟ୍ଟନାୟକ ଙ୍କୁ ଅତିଥି ଅକ୍ଷୟ ଜେନା ପୁରସ୍କୃତ କରିଥିଲେ।ସେହିପରି ଦିବସ ର ଦ୍ୱିତୀୟ ମ୍ୟାଚ୍ ରେ ଏସ.ଯେ.ଆର୍ ଗୁରୁଜଙ୍ଗ ଇଲେଭେନ୍ ଷ୍ଟାର୍ ଯାଆଁଳା କୁ ଭେଟିଥିଲା।ଟସ୍ ରେ ବିଜୟ ଲାଭ କରି ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭର ରେ ୮ ୱିକେଟ ହରାଇ ୧୩୦ ରନ୍ ସଂଗ୍ରହ କରିଥିଲା ।ଦଳ ପକ୍ଷରୁ ଶିତିକଣ୍ଠ ପଟ୍ଟନାୟକ ସର୍ବାଧିକ ୪୨ ରନ୍ ସଂଗ୍ରହ କରିଥିଲେ।ଗୁରୁଜଙ୍ଗ ପକ୍ଷରୁ ମହେଶ୍ୱର ଚମ୍ପତି ୩ ଟି ୱିକେଟ ହାସଲ କରିଥିଲେ।ଜବାବ୍ ରେ ଗୁରୁଜଙ୍ଗ ବ୍ୟାଟିଂ ବିପର୍ଯ୍ୟୟ ର ସମ୍ମୁଖୀନ ହୋଇ ୧୧୬ ରନ୍ ରେ ଅଲଆଉଟ୍ ହୋଇ ୧୪ ରନ୍ ରେ ପରାସ୍ତ ହୋଇଥିଲା।ଘାତକ ବୋଲିଙ୍ଗ ପାଇଁ ଯାଆଁଳା ଦଳର ଦେବାଶିଷ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ରଞ୍ଜନ ମଙ୍ଗରାଜ ଙ୍କ ପାଖରୁ ପୁରସ୍କାର ଗ୍ରହଣ କରିଥିଲେ।ଆଜିର ମ୍ୟାଚ୍ କୁ ସାନୁଜ ବିଶ୍ୱାଳ,ସୋଭାକର ପାତ୍ର,ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ।ସେହିପରି ଭାଷ୍ୟକାର ଭାବରେ ରାଜେନ୍ଦ୍ର ବେହେରା ଓ ଏସ.କେ ସାଜନ୍ କାର୍ଯ୍ୟ ତୁଲାଇଥିଲେ।୧୦/୧୦/୨୬ ଶନିବାର ଏସ୍ ଯେ ଆର ଗୁରୁଜଙ୍ଗ ଓ ମିଳନ ଯୁଥ୍ କ୍ଲବ ମୁକୁନ୍ଦ ପ୍ରସାଦ ଓ ଦ୍ୱିତୀୟ ମ୍ୟାଚ ବି ଏସ ଏ ଭାଲିଆବାଡ଼ି ଓ ବାଲୁଙ୍କେଶ୍ୱର ୱାରିଅର ତମାଣ୍ଡୋ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।

# ୟୁପି କ୍ରିକେଟରଙ୍କୁ ନଗଦ ପୁରସ୍କାର ଘୋଷଣା

ନୂଆଦିଲ୍ଲୀ,୯।୧୦: ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପ୍ରତ୍ୟେକ ଖେଳାଳିଙ୍କ ପାଇଁ ଏକ ବଡ଼ ଉପଲବ୍ଧି। ଏହି ସଫଳତା ସହ ଯଦି ଲକ୍ଷ ଲକ୍ଷ ଟଙ୍କାର ନଗଦ ପୁରସ୍କାର ମିଳେ, ତେବେ ଖୁସି ଆହୁରି ବଢ଼ିଯାଏ। ଏସିଆନ ଗେମ୍ସ ୨୦୨୬ରେ ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ ଦଳ ସ୍ୱର୍ଣ୍ଣ ପଦକ ଜିତି ଦେଶର ଗୌରବ ବଢ଼ାଇଛନ୍ତି। ଏହି ସଫଳତା ପରେ ବିଭିନ୍ନ ରାଜ୍ୟ ସରକାର ଖେଳାଳିଙ୍କୁ ନଗଦ ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି।

ଏହି ଘୋଷଣା ଅନୁଯାୟୀ, ଭାରତୀୟ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ୭୫ ଲକ୍ଷ ଟଙ୍କା ମିଳିବାକୁ ଥିବାବେଳେ ମହିଳା କ୍ରିକେଟର ଦୀପ୍ତି ଶର୍ମାଙ୍କୁ ୩ କୋଟି ଟଙ୍କା ପୁରସ୍କାର ଦେବାକୁ ଉତ୍ତର ପ୍ରଦେଶ ସରକାର ଘୋଷଣା କରିଛନ୍ତି। ପୁରୁଷ ଦଳର ଖେଳାଳି ବିପ୍ରଜ ନିଗମଙ୍କ ପାଇଁ ମଧ୍ୟ ୩ କୋଟି ଟଙ୍କାର ପୁରସ୍କାର ଘୋଷଣା ହୋଇଛି।

# ଦିନିକିଆ ଦଳରେ ହେବ ବଡ ପରିବର୍ତ୍ତନ

ନୂଆଦିଲ୍ଲୀ,୦୯/୧୦; ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଭାରତୀୟ ଟି-ଟ୍ୱେଣ୍ଟି ଦଳ ଓ ଏ' ଦଳ ଘୋଷଣା କରାଯାଇଛି । ଖୁବ ଶୀଘ୍ର ଦିନିକିଆ ଓ ଟେଷ୍ଟ ଦଳ ଘୋଷଣା କରାଯିବ । ଏଥର ଦିନିକିଆ ଦଳରେ ବହୁ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ଦିନିକିଆ ଓ ଟେଷ୍ଟ ସିରିଜ ମଧ୍ୟରେ ମାତ୍ର ୩ଦିନର ବିଶ୍ରାମ ସମୟ ରହିଥିବାରୁ ଏଭଳି ପରିବର୍ତ୍ତନର ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରଥମତଃ ଉପ ଅଧିନାୟକ ଶ୍ରେୟାସ ଆୟର ଦିନିକିଆ ଦଳକୁ ଫେରିବେ । ଏସୀୟ କ୍ରୀଡାରେ ଭାଗ ନେବା ପାଇଁ ଜାପାନ ଗସ୍ତ କରିଥିବାରୁ ଆୟର ଗତ ୱେଷ୍ଟ ଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ ଖେଳିପାରି ନଥିଲେ । ଅଭିଜ୍ଞ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ପେସ୍ ବୋଲର ହର୍ଷିତ ରାଣା ଦିନିକିଆ ଦଳକୁ ଫେରିବା ଆଶା କ୍ଷୀଣ । କାରଣ ଉଭୟ ସମ୍ପ୍ରତି ଆହତ ଅଛନ୍ତି ଓ ଜାତୀୟ କ୍ରିକେଟ୍ ଏକାଡେମୀରେ ଫିଟ୍‌ନେସ୍ ଫେରି ପାଇବାକୁ ପ୍ରସ୍ତୁତି ଚଳାଇଛନ୍ତି । ଭେଟେରାନ ପେସ୍ ବୋଲର ମହମ୍ମଦ ସାମି ଦିନିକିଆ ଦଳକୁ ଫେରିବା ନେଇ ଯଥେଷ୍ଟ ସମ୍ଭାବନା ବୃଦ୍ଧି ପାଇଛି ।

ଟି-ଟ୍ୱେଣ୍ଟି ଦଳକୁ ଫେରିଥିବା ଭୁବନେଶ୍ୱର କୁମାର ମଧ୍ୟ ଦିନିକିଆ ଦଳକୁ ଫେରିପାରନ୍ତି । ତେବେ ଟି-ଟ୍ୱେଣ୍ଟି ସିରିଜର ପ୍ରଦର୍ଶନ ଉପରେ ତାଙ୍କ ଦିନିକିଆ ପ୍ରତ୍ୟାବର୍ତ୍ତନ ନିର୍ଭର କରିବ । ଶୁଭମନ ଗିଲ୍, କେଏଲ ରାହୁଲ, ଯଶସ୍ୱୀ ଜେଇସ୍ୱାଲ, ଧ୍ରୁବ ଜୁରେଲ, ମହମ୍ମଦ ସିରାଜ ଓ ନୀତିଶ ରାଣାଙ୍କୁ ଦିନିକିଆ ଦଳରେ ସ୍ଥାନ ମିଳିବ । ହେଲେ ଏମାନେ କେବଳ ପ୍ରଥମ ୩ଟି ମ୍ୟାଚ ଖେଳିପାରିବେ । ଚତୁର୍ଥ ଓ ପଞ୍ଚମ ଦିନିକିଆରୁ ଏମାନଙ୍କୁ ବାଦ ଦିଆଯିବ । ଦିନିକିଆ ସିରିଜ ଶେଷ ହେବାର ୩ ଦିନ ପରେ ଟେଷ୍ଟ ସିରିଜ ଆରମ୍ଭ ହେବ । ତେଣୁ ୨ଟି ମ୍ୟାଚ ପୂର୍ବରୁ ଏହି ଖେଳାଳିମାନେ ଦିନିକିଆ ଦଳରୁ ବାହାରି ଟେଷ୍ଟ ସିରିଜ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ ।

ନୂଆକରି ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ନମନ ଧିର ଦିନିକିଆ ଦଳରେ ସ୍ଥାନ ବଜାୟ ରଖିବାର ଯଥେଷ୍ଟ ସମ୍ଭାବନା ରହିଛି । ଶ୍ରେୟାସ ଆୟର ଦିନିକିଆ ଦଳକୁ ଫେରିବା ନିଶ୍ଚିତ । ତଥାପି ଋତୁରାଜ ଗାଏକଓ୍ୱାଡ୍ ଦଳରେ ସ୍ଥାନ ବଜାୟ ରଖିବେ । କିନ୍ତୁ ଭେଟେରାନ ଅଲ୍‌ରାଉଣ୍ଡର ରବିନ୍ଦ୍ର ଜାଡେଜାଙ୍କୁ ଦିନିକିଆ ଦଳରୁ ବାଦ ଦିଆଯିବ । ସେ କେବଳ ଟେଷ୍ଟ ଦଳରେ ସ୍ଥାନ ପାଇବେ । ଇଶାନ କିଷନ ଦିନିକିଆ ଦଳକୁ ଫେରିବା ଏକ ପ୍ରକାର ନିଶ୍ଚିତ ରହିଛି । ଚଳିତ ବର୍ଷ ସେ ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ସର୍ବାଧିକ ରନ ସଂଗ୍ରହ କରିସାରିଛନ୍ତି । ପ୍ରଦର୍ଶନରେ ସ୍ଥିରତା ରହିଥିବାରୁ କିଷନଙ୍କୁ ଦିନିକିଆ ଦଳକୁ ଫେରାଇ ଆଣିବା ପାଇଁ ଚୟନକର୍ତ୍ତା ବିଚାର କରୁଛନ୍ତି ।

ଟି-ଟ୍ୱେଣ୍ଟି ଦଳକୁ ଫେରିଥିବା ଦୁଇ ଯୁବ ପେସ୍ ବୋଲର ମୟଙ୍କ ଯାଦବ ଓ ପ୍ରିନ୍ସ ଯାଦବ ଦିନିକିଆ ଦଳରେ ସ୍ଥାନ ହାସଲ କରିବାର ସମ୍ଭାବନା ରହିଛି । ନ୍ୟୁଜିଲାଣ୍ଡର ପିଚ୍ ଓ ଜଳବାୟୁ ପେସ୍ ବୋଲରଙ୍କୁ ଭରପୁର ସହାୟତା କରିବ । ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ୫ଟି ଟି-ଟ୍ୱେଣ୍ଟି, ୫ଟି ଦିନିକିଆ ଓ ୨ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି । ନଭେମ୍ବର ୪ ତାରିଖରେ ଅକଲାଣ୍ଡର ପ୍ରଥମ ଦିନିକିଆ, ୭ ତାରିଖରେ ୱେଲିଂଟନରେ ଦ୍ୱିତୀୟ ଦିନିକିଆ, ୧୦ ତାରିଖରେ ହାମିଲଟନରେ ତୃତୀୟ, ୧୩ ଓ ୧୫ ତାରିଖରେ ମାଉଣ୍ଟ ମଙ୍ଗନୁଇରେ ଶେଷ ୨ଟି ଦିନିକିଆ ଖେଳାଯିବ । ନଭେମ୍ବର ୧୯ ତାରିଖରୁ ଟେଷ୍ଟ ସିରିଜ ଆରମ୍ଭ ହେବ ।

# ବିବାହ କଲେ ଲିଭିଙ୍ଗଷ୍ଟୋନ୍

ନୂଆଦିଲ୍ଲୀ,୦୯/୧୦: ଇଂଲଣ୍ଡର ଅଲରାଉଣ୍ଡର ଲିଆମ୍ ଲିଭିଙ୍ଗଷ୍ଟୋନ୍ ବିବାହ କରିଛନ୍ତି। ଆଇପିଏଲରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପାଇଁ ଖେଳିଥିବା ଏହି ଇଂଲିଶ୍ କ୍ରିକେଟର ନିଜ ପ୍ରେମିକା ଅଲିଭିଆଙ୍କ ହାତ ଧରିଛନ୍ତି। ଲିଭିଙ୍ଗଷ୍ଟୋନ୍ ଇନଷ୍ଟାଗ୍ରାମରେ ବିବାହର ଅନେକ ଫଟୋ ସେୟାର କରିଛନ୍ତି। ଏହି ଫଟୋଗୁଡ଼ିକୁ ପ୍ରଶଂସକମାନେ ପସନ୍ଦ କରୁଥିବା ବେଳେ ଜଉଇ ପାଇଁ ଖେଳିଥିବା ଭାରତୀୟ ୱିକେଟକିପର ବ୍ୟାଟର ଜିତେଶ ଶର୍ମା ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଲିଭିଙ୍ଗଷ୍ଟୋନ୍ ନିଜ ବିବାହ ଫଟୋ ସହ ଏକ ଭାବପୂର୍ଣ୍ଣ କ୍ୟାପ୍ସନ୍ ଲେଖିଛନ୍ତି। ତାଙ୍କ ଅନୁସାରେ, ୩ ଅକ୍ଟୋବର ୨୦୨୬ରେ ସ୍ୱନସର ମାଲୋର୍କା ସ୍ଥିତ ଡେଇଆରେ ଏହି ବିବାହ ଉତ୍ସବ ଆୟୋଜିତ ହୋଇଥିଲା। କିନ୍ତୁ ଭୟଙ୍କର ଝଡ଼ ଯୋଗୁଁ ସବୁ ଯୋଜନା ବଦଳିଯାଇଥିଲା। ଶେଷ ମୁହୂର୍ତ୍ତରେ ବିବାହ ସମାରୋହର ସ୍ଥାନ ମଧ୍ୟ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ତଥାପି, ଏହି ଅପ୍ରତ୍ୟାଶିତ ପରିସ୍ଥିତି ତାଙ୍କ ଜୀବନର ସବୁଠାରୁ ସୁନ୍ଦର ଦିନରେ ପରିଣତ ହୋଇଥିବା କଥା ଲିଭିଙ୍ଗଷ୍ଟୋନ୍ କହିଛନ୍ତି। ଏହା ଦୁହିଁଙ୍କ ବିବାହ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ଥିଲା ବୋଲି ତାଙ୍କ ପୋଷ୍ଟରୁ ଜଣାପଡ଼ିଛି।

ଲିଭିଙ୍ଗଷ୍ଟୋନ୍ ଲେଖିଛନ୍ତି ଯେ, ଏହି ଦିନ ତାଙ୍କୁ ଜୀବନର ଏକ ବଡ଼ ଶିକ୍ଷା ଦେଇଛି। ମାସ ମାସ ଧରି ଯେଉଁ ଜିନିଷଗୁଡ଼ିକୁ ନେଇ ଯୋଜନା କରାଯାଏ, ସେଗୁଡ଼ିକ ହିଁ ସବୁକିଛି ନୁହେଁ। ଫୁଲ, ଟେବୁଲ୍‌ର ସାଜସଜ୍ଜା, ବିବାହ ସ୍ଥଳ କିମ୍ବା ପାଣିପାଗ ଅପେକ୍ଷା ସେଠାରେ ଉପସ୍ଥିତ ଲୋକଙ୍କ ଭଲପାଇବା ଅଧିକ ମୂଲ୍ୟବାନ। ଗୋଟିଏ କୋଠରୀରେ ଏତେ ଭଲପାଇବା ଆଗରୁ ଅନୁଭବ କରିନଥିବା କଥା ମଧ୍ୟ ସେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।ଲିଆମ୍ ଲିଭିଙ୍ଗଷ୍ଟୋନ୍ ୨୦୨୫ ଆଇପିଏଲରେ ଆରସିବି ପକ୍ଷରୁ ଖେଳିଥିଲେ। ସେହି ସିଜନରେ ସେ ୧୦ଟି ମ୍ୟାଚରୁ ୮ଟି ଇନିଂସ୍‌ରେ ବ୍ୟାଟିଂ କରି ମୋଟ ୧୧୨ ରନ୍ ସଂଗ୍ରହ କରିଥିଲେ। ତାଙ୍କ ବ୍ୟାଟରୁ ମାତ୍ର ଗୋଟିଏ ଅର୍ଦ୍ଧଶତକ ଆସିଥିବା ବେଳେ ବୋଲିଂରେ ୨ଟି ୱିକେଟ୍ ନେଇଥିଲେ। ଏହା ପରେ ୨୦୨୬ ଆଇପିଏଲରେ ସେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିଥିଲେ। ସେଠାରେ ଦୁଇଟି ଇନିଂସରେ ତାଙ୍କ ବ୍ୟାଟରୁ ମାତ୍ର ୧୫ ରନ୍ ଆସିଥିଲା।

# ପଠାନ ଭ୍ରାତାଙ୍କୁ ରସିଦଙ୍କ ଆଫ୍‌ଗାନୀ ଆତିଥ୍ୟ

ଦୁବାଇ:୯।୧୦: ଆଫ୍‌ଗାନିସ୍ତାନ ଅଲ୍‌ରାଉଣ୍ଡର ଦୁବାଇସ୍ଥିତ ନିଜ ବାସଭବନରେ ଭାରତୀୟ କ୍ରିକେଟ୍‌ରେ ପଠାନ ଭ୍ରାତା ଭାବେ ପରିଚିତ ଇର୍ଫାନ ଓ ୟୁସୁଫଙ୍କୁ ପାରମ୍ପରିକ ଆଫ୍‌ଗାନୀ ଭୋଜି ଦେଇ ଆପ୍ୟାୟିତ କରିଛନ୍ତି। ରସିସଙ୍କ ଆତିଥ୍ୟ ଓ ଭୋଜିର ସ୍ୱାଦରେ ଇର୍ଫାନ ମୁଗ୍ଧ ହୋଇ ଯାଇଛନ୍ତି। ସାମାଜିକ ଗଣମାଧ୍ୟମରେ କିଛି ଫଟୋ ଓ ଭିଡିଓ ପୋଷ୍ଟ କରି ଇର୍ଫାନ ନିଜ ଅନୁଭୂତି ବାଣ୍ଟିବା ସହ ଖାଦ୍ୟର ସ୍ୱତନ୍ତ୍ର ସ୍ୱାଦ ଓ ଆତ୍ମୀୟତାଭରା ଆତିଥ୍ୟର ପ୍ରଶଂସା କରିଛନ୍ତି। ସେ ଲେଖିଛନ୍ତି, "ରସିଦ ଭାଇ ଓ ଲୟଲୋମା ଭାବିଙ୍କ ଆତିଥ୍ୟ ଅତି ଚମତ୍କାର ଥିଲା। ଆମେ ଅତ୍ୟନ୍ତ ସ୍ୱାଦିଷ୍ଟ ଆଫଗାନୀ ଖାଦ୍ୟ ଖାଇଲୁ। ପ୍ରତ୍ୟେକ ଖାଦ୍ୟର ସ୍ୱାଦ ନିଆରା ଥିଲା। ଏହାକୁ ଆହୁରି ସ୍ୱତନ୍ତ୍ର କରିଥିଲା, ଏଥିରେ ଥିବା ଭଲପାଇବା ଓ ଆତ୍ମୀୟତା। ରସିଦ ଭାଇ, ଏବେ ବି ସେହି ଖାଦ୍ୟ କଥା ଭାବୁଛି।" ରସିଦଙ୍କ ସହ ଇର୍ଫାନଙ୍କ ବନ୍ଧୁତା ଅତି ଘନିଷ୍ଠ। ଉଭୟ ସାମାଜିକ ଗଣମାଧ୍ୟମରେ ନିୟମିତ ଭାବେ ଯୋଗାଯୋଗରେ ରହିଥାନ୍ତି। ସଂପ୍ରତି ଇର୍ଫାନ ଓ ୟୁସୁଫ ନିଜ ନିଜ ପରିବାର ସହ ଦୁବାଇରେ ଛୁଟି କାଟୁଛନ୍ତି।



# ଭାରତୀୟ କ୍ରିକେଟ୍‌ରେ ଆହତ ଚିନ୍ତା

ବେଙ୍ଗାଲୁରୁ,୯।୧୦: ଭାରତୀୟ ପୁରୁଷ କ୍ରିକେଟ୍ ଦଳରେ ଆହତ ଜନିତ ସମସ୍ୟା ଏବେ ବଡ ଚିନ୍ତାର କାରଣ ହୋଇଛି। ଗତ ବର୍ଷକ ମଧ୍ୟରେ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ଉତ୍କର୍ଷ କେନ୍ଦ୍ର (ସିଓଇ)କୁ ୩୨ ଜଣ ଜାତୀୟ ପୁରୁଷ ଦଳର ପ୍ରମୁଖ ଖେଳାଳି (ବାର୍ଷିକ ଚୁକ୍ତି ଭିତ୍ତିକ) ଚିକିତ୍ସିତ ହୋଇଛନ୍ତି। ବିଶେଷ କରି ଗତ ଆଇପିଏଲ୍ ପରେ ହିଁ ଅଧିକ ଖେଳାଳି 'ସିଓଇ'ରେ ଚିକିତ୍ସିତ ଓ ପୁନର୍ବାସ ପାଇଁ ଆସିଛନ୍ତି। ଖେଳାଳିଙ୍କ ଆହତ ଜନିତ ସମସ୍ୟା ପରିଚାଳନା ଉପରେ ବିସିସିଆଇ ଏବେ ଅଧିକ ଗୁରୁତ୍ୱ ଦେଉଥିବାରୁ ଚଳିତ ଆର୍ଥିକ ବର୍ଷରେ 'ସିଓଇ'ର ବଜେଟ ୩୫ କୋଟି ବାଇ ୧୨୭ କୋଟି ଟଙ୍କା କରିଛି। ଗତ ବର୍ଷ ବଜେଟ ୯୨ କୋଟି ଥିଲା।

ବରିଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ମଧ୍ୟ ପୁନର୍ବାସ ପାଇଁ ଏହି କେନ୍ଦ୍ରକୁ ଆସିଛନ୍ତି। ଯଶପ୍ରୀତ ବୁମ୍ରା, ହାର୍ଦ୍ଦିକ ପାଣ୍ଡ୍ୟା, ୱାସିଂଟନ୍ ସୁନ୍ଦର, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା ଓ ପ୍ରସିଦ୍ଧ କୃଷ୍ଣ ମଧ୍ୟ ନିୟମିତ ଏହି କେନ୍ଦ୍ରକୁ ଆସୁଛନ୍ତି। ଗତ ୨୦ ମାସ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ବର୍ଗର ୬୮ ଜଣ ଖେଳାଳିଙ୍କ ଚିକିତ୍ସା ଏଠାରେ କରାଯାଇଥିଲା। ଏମାନଙ୍କ ମଧ୍ୟରୁ କେବଳ ଋଷଭ ପନ୍ତଙ୍କୁ ଛାଡି ଅଧିକାଂଶ ମାଂସପେଶୀ ଓ ନରମ ତନ୍ତୁଜନିତ ଆଘାତ ସମସ୍ୟା ପଡି ଏଠାକୁ ଆସିଛନ୍ତି। ଗତ ବର୍ଷ ମାଞ୍ଚେଷ୍ଟର ଟେଷ୍ଟ୍‌ରେ ଋଷଭଙ୍କ ପାଦରେ ଆଘାତ ଲାଗିଥିଲା। ବଡ ଧରଣର



ମାଂସପେସୀ ଜନିତ ଆଘାତ ସମସ୍ୟା ୨୦୨୦-୨୧ କୋଭିଡ୍ ସମୟରେ ହିଁ ଦେଖାଯାଇଥିଲା। ଅନ୍ୟପକ୍ଷରେ, ସିଓଇର କ୍ରୀଡ଼ା ବିଜ୍ଞାନ ଓ ଚିକିତ୍ସା ବିଭାଗ ମୁଖ୍ୟ ପଦ ୨୦୨୫ ଜୁନ୍‌ରୁ ଖାଲି ପଡ଼ିଥିଲା ବେଳେ ଏହାକୁ ପୂରଣ ଲାଗି ବିସିସିଆଇ ନିକଟରେ ଆବେଦନ ଆହ୍ୱାନ କରିଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର